# ଧାନ ନ କିଣି ଫେରିଗଲେ

## ୮କେଜି କଟ୍‌ନି ଜିଦ୍‌ରେ ଅଟଳ ମିଲର

## ଆଲୋଚନା ବିଫଳ, ତେଜୁଛି ଚାଷୀ ଅସନ୍ତୋଷ

ଧାମନଗର, ୧୩।୧
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକରେ ଖୋଲାଯାଇଥିବା ସରକାରୀ ମଣ୍ଡିରେ ଧାନ କିଣାରେ ବିଳମ୍ବକୁ ନେଇ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି। ଗତ ୫ ତାରିଖରୁ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଏବେ ସୁଦ୍ଧା ଅଧିକାଂଶ ମଣ୍ଡିରେ ଧାନ କ୍ରୟ କରାଯାଇ ନାହିଁ। ସୋମବାର ପଞ୍ଜୀକୃତ ଚାଷୀ, ଚାଷୀ କମିଟି ଓ ମିଲରଙ୍କ ମଧ୍ୟରେ କଟ୍‌ନି ଛଟ୍‌ନିକୁ ନେଇ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। କଟ୍‌ନି ଜିଦ୍‌ରେ ଅଟଳ ମିଲରମାନେ ଧାନ ନ କିଣି ଫେରିଯାଇଛନ୍ତି। ଫଳରେ କେତେକ ସମିତିରେ ଧାନକିଣା ସ୍ଥଗିତ ରହିଛି।

ବ୍ଲକର ଶ୍ରୀ ଜଗନ୍ନାଥ କୃଷି ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ରାଉତ ଓ ପରିଚାଳନା ପରିଷଦ ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ସହ ସମସ୍ତ ସଦସ୍ୟଙ୍କ ପକ୍ଷରୁ ଅନ୍‌ଲାଇନ ଟୋକନ ପାଇଥିବା ପଞ୍ଜୀକୃତ ଚାଷୀଙ୍କୁ ସୋମବାର ଧାନ ବିକ୍ରି ନିମନ୍ତେ ମଣ୍ଡିକୁ ଆଣିବାକୁ ପୂର୍ବରୁ ସୂଚନା ଦିଆଯାଇଥିଲା। କିଛି ଚାଷୀ ସେମାନଙ୍କ ଧାନ ବିକ୍ରି ପାଇଁ ଗାଡ଼ିରେ ଆଣିଥିଲେ। ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ସମିତ କୁମାର ରାଏଙ୍କ ସହ ଅନ୍ୟ ଅଧିକାରୀମାନେ ଚାଷୀଙ୍କ ଧାନର ମାନ ପରୀକ୍ଷଣ କରିଥିଲେ। ପରୀକ୍ଷଣ ସମୟରେ ସମିତିକୁ ଟ୍ୟାଗ୍ ହେଇଥିବା ୩ ମିଲ୍‌ର କର୍ମଚାରୀ, ରାଜସ୍ୱ ନିରୀକ୍ଷକ ନଗେନ୍ଦ୍ର କୁମାର ଦାସ, ପଞ୍ଜୀକୃତ ଚାଷୀ ଏବଂ ପରିଷଦର ସଦସ୍ୟ ଉପସ୍ଥିତ ଥିଲେ। ସରକାରୀ ନିୟମ ଅନୁଯାୟୀ ଧାନର ଆର୍ଦ୍ରତା ୧୭ ପ୍ରତିଶତରୁ କମ୍ ରହିଥିବା ବେଳେ ଅନ୍ୟାନ୍ୟ ମାନରେ ଅଳ୍ପ ମାତ୍ରାରେ ବ୍ୟତିକ୍ରମ ଦେଖାଯାଇଥିଲା। ଯାହାକୁ ନେଇ ଉପସ୍ଥିତ ବହୁ ଚାଷୀ, ପରିଷଦର ସଦସ୍ୟ ଏବଂ ମିଲ୍ କର୍ମଚାରୀଙ୍କ ଭିତରେ ଏକ ଆପୋଷ ସମାଧାନ କରାଯାଇ



ସମିତିରେ ମିଲର ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ଚାଲିଛି।

ପୂର୍ବବର୍ଷ ଭଳି ଧାନ ନେବାକୁ ସମିତିରେ ବୈଠକ ବସିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଧାନ କଟ୍‌ନି ଛଟ୍‌ନିକୁ ନେଇ ଆଲୋଚନା ହୋଇଥିଲା। ଚାଷୀଙ୍କ ପକ୍ଷରୁ ମିଲ୍‌ର କର୍ମଚାରୀମାନଙ୍କୁ ଧାନ କଟ୍‌ନି ୮ କେଜିରୁ କମ୍ ତଥା ୬ କେଜି କାଟିବାକୁ ବହୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ରାଜି ହୋଇ ନ ଥିଲେ। ମଣ୍ଡିରୁ ଧାନ ନ କିଣି ସେଠାରୁ ଚାଲିଯାଇଥିଲେ। ଏହାକୁ ନେଇ ଉପସ୍ଥିତ ଥିବା ଚାଷୀଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଖବର ପାଇ ତହସିଲଦାର ଦୀପକ କୁମାର ଦାସ ମଣ୍ଡିରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ଥିଲା। ପରେ ଉପସ୍ଥିତ ଥିବା ଚାଷୀ ଓ ପରିଚାଳନା ପରିଷଦର ସଦସ୍ୟଙ୍କ ମଧ୍ୟରେ ଏକ ଜରୁରିକାଳୀନ ବୈଠକ କରାଯାଇ ଧାନ ମିଲ୍‌କୁ ନ ଦେବା ପାଇଁ ସ୍ଥିର ହୋଇଛି। ଯଦି ଆଗାମୀ ଦିନରେ ଚାଷୀଙ୍କ ଅନୁରୋଧ ଅନୁଯାୟୀ ମିଲର ଚାଷୀଙ୍କଠାରୁ ଧାନ ନ କିଣନ୍ତି, ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମଣ୍ଡି ପକ୍ଷରୁ ଧାନ କ୍ରୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ବିକ୍ରୟ ପାଇଁ ମଣ୍ଡିକୁ ଆସିଥିବା ଧାନ ସବୁ ରଖିବାକୁ ଭାରପ୍ରାପ୍ତ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିବା ନେଇ ପରିଷଦର ସଭାପତି ସ୍ୱାଇଁ, ସଦସ୍ୟ ଉମାକାନ୍ତ ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ଗୋବର୍ଦ୍ଧନ ପ୍ରଧାନ, ମାନସ ରଞ୍ଜନ ପାତ୍ର, ଚାଷୀ ସୁଦର୍ଶନ ମାଝୀ, ବନମାଳୀ ଦାଶ, ରମଣୀ ରଞ୍ଜନ ଦାଶ, ରାଜ କିଶୋର ଦାଶ, ସୁଧାଂଶୁ ମିଶ୍ର, ନାରାୟଣ ସାମଲ, ଶଶିକାନ୍ତ ରାଉତ, ବସନ୍ତ ଦାଶ, ରାଜ କିଶୋର ଖଟୁଆ ପ୍ରମୁଖ ଜିଲା ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ଧାମନଗର ସମିତିରେ ଅନୁରୂପ ସମସ୍ୟା ଦେଖିବାକୁ ମିଳିଛି। କଟ୍‌ନି ପ୍ରତିବାଦରେ ଚାଷୀମାନେ ତହସିଲଦାରଙ୍କ ଅଫିସ୍ ସାମ୍ନାରେ ହୋହଲ୍ଲା କରିଥିଲେ।

## ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ



ଶିବିରରେ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କ ସହ ଅଧିକାରୀମାନେ।

### ଜନଶୁଣାଣି ଶିବିରରେ ୬୦ ଅଭିଯୋଗ

ବନ୍ତ, ୧୩।୧ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଯୋଗ ଦେଇଥିଲେ। ଶିବିରରେ ୬୦ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ, ୧୮ଟି ସାମୂହିକ, ଗୋଟିଏ ରେଡ୍‌କ୍ରସ ଓ ୨ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ଥିଲା। ୧୫ ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ସାହୁପଡ଼ା ଗୋପୀନାଥପୁର ଗ୍ରାମର ପରମାନନ୍ଦ ପୃଷ୍ଟିଙ୍କୁ ୫ ହଜାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ଜଣେ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି। ଆସିଥିବା ଅଭିଯୋଗଗୁଡ଼ିକୁ ନିୟମାନୁଯାୟୀ ସମାଧାନ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଧାଂଶୁ ଶେଖର ବଳ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆ ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲାପାଳଙ୍କ ଆବଶ୍ୟକ ମତେ ଅଭିଯୋଗ ସମାଧାନ ପାଇଁ ତଥ୍ୟ ଉପସ୍ଥାପନ କରିଥିଲେ।

## ନଦୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ଧାମନଗର, ୧୩।୧ (ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବ୍ଲକର କାସିମପୁରସ୍ଥିତ ରେବ ନଦୀରୁ ରବିବାର ଜଣେ ନିଖୋଜ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ କାସିମପୁର ଗଣେଶପାଟଣା ଗ୍ରାମର ବୈରାଗୀ ମଲିକ(୩୫)। ଧୂଷୁରୀ ପୋଲିସ ମୃତଦେହ ଜବତ କରି ଭଦ୍ରକ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସୂଚନା ଅନୁଯାୟୀ, ଗ୍ରାମର ରଘୁନାଥ ମଲିକଙ୍କ ପୁଅ ବୈରାଗୀ ଦୁଇଦିନ ଧରି ଘରକୁ ଫେରି ନ ଥିଲେ। ରବିବାର ସକାଳେ ରେବ ନଦୀରେ ଏକ ମୃତଦେହ ଭାସୁଥିବା କାସିମପୁର ଲୋକେ ଦେଖି ଧୂଷୁରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦମକଳ ବାହିନୀ ସହାୟତାରେ ନଦୀରୁ ମୃତଦେହ ବାହାର କରିଥିଲା। ମୃତଦେହ ନିଖୋଜ ବୈରାଗୀଙ୍କ ଚିହ୍ନଟ ହୋଇଥିବା ବେଳେ ତାଙ୍କ ଲୁଗାରେ କିଛି ମାଛ ରହିଥିବା ଦେଖିବାକୁ ମିଳିଥିଲା। ମାଛ ଧରିବାକୁ ଯାଇ ଅସାବଧାନତା ବଶତଃ ବୈରାଗୀ ନଦୀରେ ବୁଡ଼ିଯାଇ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଏୟାରଷ୍ଟ୍ରିପ୍ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ



ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

ବାସୁଦେବପୁର, ୧୩।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବାଲିମୁଣ୍ଡାଠାରେ ଆଦାନୀ ପକ୍ଷରୁ ଚାଲିଥିବା ଏୟାରଷ୍ଟ୍ରିପ୍ ନିର୍ମାଣ କାର୍ଯ୍ୟକୁ ସୋମବାର ନୀଳମଣି ବାବୁ ଶ୍ରମିକ ସଙ୍ଗଠନ ଓ ସ୍ଥାନୀୟ ଅଞ୍ଚଳବାସୀ ବନ୍ଦ କରିବା ସହ ଏହାକୁ ସଂଯୋଗ କରୁଥିବା ରାସ୍ତାରେ ଧାରଣାରେ ବସିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକ ସଙ୍ଗଠନ ଓ ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦେଉ ନ ଥିବାରୁ ଏହାର ପ୍ରତିବାଦରେ ଆନ୍ଦୋଳନ କରାଯାଇଥିବା କୁହାଯାଇଛି। ପ୍ରସ୍ତାବିତ ଅଞ୍ଚଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ୍ ପ୍ରାପ୍ୟ, ବିସ୍ଥାପିତ ପରିବାରକୁ ୧୦ ଡିସିମିଲ ଜମିପଟ୍ଟା ପ୍ରଦାନ, ୧ ଲକ୍ଷ ଟଙ୍କା ସହ ଆବାସ ଗୃହ ଯୋଗାଇ ଦେବା, ବାଲିମୁଣ୍ଡା, ନନ୍ଦପାଟଣା, ବଡ଼ହାବେଲିସାହି ଅଞ୍ଚଳର ଚାଷଜମିରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା, ଯୋଗ୍ୟତା ଭିତ୍ତିରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି, ଏୟାରଷ୍ଟ୍ରିପ୍ କାର୍ଯ୍ୟରେ ନୀଳମଣି ବାବୁ ଶ୍ରମିକ ସଙ୍ଗଠନକୁ ଗୁରୁତ୍ୱ ଦେବା ଆଦି ଦାବି ରହିଛି। ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ବାଲିମୁଣ୍ଡା ଅଞ୍ଚଳର ଟ୍ରକ୍, ଟ୍ରାକ୍ଟରଗୁଡ଼ିକୁ ଅଧିକ କାର୍ଯ୍ୟ ଯୋଗାଇବାକୁ ମଧ୍ୟ ଦାବି କରାଯାଇଛି। ଖବରପାଇ ତହସିଲଦାର ସୌଭାଗ୍ୟ ପଣ୍ଡା, ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, କମ୍ପାନୀ ପକ୍ଷରୁ ଶୁଭାଶିଷ ମିଶ୍ର ପ୍ରମୁଖ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ବୁଝାସୁଝା କରିଥିଲେ। ଶ୍ରମିକ ସଙ୍ଗଠନର ସଭାପତି ରାଜକମଳ ଜାନା, ସମ୍ପାଦକ କାର୍ତ୍ତିକ ଜାନା, ଉପଦେଷ୍ଟା ହୃଷୀକେଶ ଜାନା ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ୧୫ଦିନ ମଧ୍ୟରେ ସମାଧାନ ହେବ ବୋଲି ଜିଲାପାଳଙ୍କଠାରୁ ଫୋନ୍ ମାଧ୍ୟମରେ ପ୍ରତିଶ୍ରୁତି ପାଇବା ପରେ ସେମାନେ ଧାରଣାର ଉଠିଥିଲେ।

## ସନ୍ଦୀପଙ୍କୁ ଭାଜପାର ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ଦାୟିତ୍ୱ

ଧୂଷୁରୀ, ୧୩।୧ (ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତର ସନ୍ଦୀପ ନାୟକ ଭାଜପାର ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ଭାବେ ମନୋନୀତ ହୋଇଛନ୍ତି। ରବିବାର ରାତିରେ ତାଙ୍କ ନାମ ଘୋଷଣା କରାଯାଇଛି। ଏନେଇ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋମବାର ସନ୍ଦୀପ ଶୁଭେଚ୍ଛୁମାନଙ୍କ ସହ ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ସନ୍ଦୀପ ଏବେ ଭାଜପା ଯୁବମୋର୍ଚ୍ଚାର ଜିଲା ସମ୍ପାଦକ ଅଛନ୍ତି। ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ, ମାଧପୁର, ଭୂଇଁବୃତ୍ତି, ଘଟପୁର, ଖେରଙ୍ଗ ଆଦି ପଞ୍ଚାୟତକୁ ନେଇ ଭାଜପାର ଏହି ମଣ୍ଡଳ ଗଠିତ।

## ସାନ ସରକାର ବାବାଙ୍କ ଜନ୍ମଦିନରେ ହେବ ରକ୍ତଦାନ ଶିବିର




ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା କରାଯାଉଛି।

ଭଦ୍ରକ, ୧୩।୧ (ସନାତନ ରାଉତ)

ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ପୁରୁଣାବଜାରସ୍ଥିତ ଦୁଃଖୀ ସମାଜ ସଭାଗୃହରେ ସଭାପତି ଇଂ. ମନାୱର ହୋସେନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ଭଦ୍ରକର ସିଦ୍ଧ ପୁରୁଷ ସୈୟଦ ୱସିମ ଅଖତର କାଦରୀ ଓରଫ ସାନ ସରକାର ବାବାଙ୍କ ଜନ୍ମଦିନ ପାଳନ କରାଯିବ। ଏହି ଅବସରରେ ସକାଳେ ଭଦ୍ରକର ସମସ୍ତ ଗାଁ ଓ ସହରର ରାସ୍ତାଗୁଡ଼ିକ ସଫେଇ ହେବ। ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର ଗୁଲସନେ ନଶିମ ଖାନକାହା ପରିସରରେ ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଭଦ୍ରକ ସହ ସୋର, ବାଲେଶ୍ୱର, ବାରିପଦା ଓ ଜଳେଶ୍ୱର ସହରରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ହେବ। ସମ୍ପାଦକ ଇଂ. ରେଜା-ଏ-ରସୁଲଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଭଦ୍ରକର ପ୍ରତ୍ୟେକ ଗ୍ରାମର ଅଖିଳ ଭାରତୀୟ ଦୁଃଖୀ ସମାଜର ସଦସ୍ୟଙ୍କ ସହ ସୋର, ବାଲେଶ୍ୱର, ବାରିପଦା ଓ ଜଳେଶ୍ୱରର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ହାଜି ସବବିର ଅଲିଙ୍କ ସମେତ ଇଂ. ହବିବୁଲା ଖାଁ, ଜମିଲ ଅଖତର ଖାନ, ହାଜୀ ଅବଦୁଲ ମୁକିତ ଖାନ, ହାଜୀ ଅବୁ ହୋସେନ ଖାନ, ମିର୍ଜା ଏକ୍ରାମ ବେଗ, ହାଜୀ କୟୁମ ଅଲି ସାହା, ମୋଜୋ ଖାନ, ଶେଖ୍ ଅନୱର, ଜହୁର ଖାନ, ମିର୍ଜା ପରୱେଜ ଆଲମ ବେଗ୍, ମୁରସଲିନ ଖାନ, ଶିକ୍ଷାବିତ୍ ମଇରାଜୁଦ୍ଦିନ, ତସୋ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସ ଦୁର୍ନୀତି: ଯୋଗ୍ୟଙ୍କୁ ବାଦ୍ ପ୍ରତିବାଦରେ ଗଣଧାରଣା

ବାସୁଦେବପୁର, ୧୩।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଲକ୍ଷ୍ମୀଦାସପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ପଞ୍ଚାୟତବାସୀ ସୋମବାର ଗଣଧାରଣା ଦେଇଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ଯୋଜନାରେ ସାମିଲ କରାଯାଇଥିବା ଦର୍ଶାଇ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ।

୨୦୨୩-୨୪ ଆର୍ଥିକ ବର୍ଷରେ ଆସିଥିବା ପ୍ରଧାନମନ୍ତ୍ରୀ ଆବାସ ତାଲିକାର ତଦନ୍ତ ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯାଞ୍ଚ କମିଟି ଠିକ୍ ଭାବେ ଅନୁଧ୍ୟାନ ନ କରି ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ଦେଇଥିବା ସେମାନେ ଅଭିଯୋଗ କରିଥିଲେ। ଏହାର ଉପଯୁକ୍ତ ତଦନ୍ତ କରି ଯୋଗ୍ୟମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ସହ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଜିଲାପାଳଙ୍କୁ ଏ ବାବଦରେ ପୂର୍ବରୁ ଅବଗତ କରାଯାଇଥିବା ବେଳେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପଞ୍ଚାୟତବାସୀ ଗଣଧାରଣାରେ ବସିଥିବା ଯୁବ ସାମାଜିକ କର୍ମୀ ପବିତ୍ର ପୁହାଣ କହିଥିଲେ। ଗୌରାଙ୍ଗ ଜେନା, ରାଜେନ୍ଦ୍ର ନାୟକ, କମଳା ସାମଲ, ମୁରଲୀଧର ଯେନା, ଭାରତୀ ଯେନା, ବୀରେନ୍ଦ୍ର ମହାନ୍ତି ପ୍ରମୁଖ ଧାରଣାରେ ସାମିଲ ଥିଲେ। ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଦେଉଳା କ୍ରିକେଟ ଟିମ୍ ଗୁଆମାଳ ଚାମ୍ପିୟନ




ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

### ଶହୀଦ ନିରଞ୍ଜନ ବେହେରା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଚାନ୍ଦବାଲି, ୧୩।୧ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତର ୟୁନାଇଟେଡ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଶହୀଦ ନିରଞ୍ଜନ ବେହେରା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟାର ଭଦ୍ରକକୁ ହରାଇ ଦେଉଳା କ୍ରିକେଟ ଟିମ୍ ଗୁଆମାଳ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଦେଉଳା କ୍ରିକେଟ ଟିମ୍ ୧୬୭ ରନ୍ କରିଥିଲା। ରାଇଜିଂ ଷ୍ଟାର ୧୦୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୫୯ ରନ୍‌ରେ ବିଜୟଲାଭ କରି ଗୁଆମାଳ ଚଳିତବର୍ଷ ଚାମ୍ପିୟନ ହୋଇଛି।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳ, ମୁଖ୍ୟବକ୍ତା ତ୍ୟାଗଭୂମି ମହୋତ୍ସବ କମିଟି ସଭାପତି ଅଜୟ ନାୟକ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦେବୁଲା ମହାନ୍ତି, ଭାଜପା ଯୁବନେତା ପ୍ରଶାନ୍ତ ମାଝୀ, ଯୁବ ସାମାଜିକ କର୍ମୀ ତଥା ଛାତ୍ରନେତା ଲାଲା ଲଳିତ ନାୟକ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

## 'ଜୀବନକୁ ଉତ୍ତୀର୍ଣ୍ଣ କରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା'



ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ତିହିଡ଼ି, ୧୩।୧ (ସଞ୍ଜିତ ବଳ)

ଅନେକ ସମସ୍ୟାକୁ ସାମ୍ନା କରିଥାଏ ଜୀବନ। ମୂଲ୍ୟବୋଧଭିତ୍ତିକ ଶିକ୍ଷା ଜୀବନକୁ ଉତ୍ତୀର୍ଣ୍ଣ କରିଥାଏ ବୋଲି ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ କହିଛନ୍ତି। ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଆରସା ସରକାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ରବିବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଆଇଜି ନାୟକ ହାଇସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ଭାଗବତ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୁରାତନ ଛାତ୍ରସଂସଦ ଓ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ସମାରୋହରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ସବୁ ପ୍ରକାର ପରିସ୍ଥିତିକୁ ଭଲପାଇବା ଶିଖିବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ କାର୍ଯ୍ୟରତ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ମାନ ସହ ଗଛ ଚାରା ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ପ୍ରଦୋଷ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଅନ୍ୟମାନଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ପୂର୍ବାହ୍ନରେ ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। କମିଟି ସଭାପତି ପ୍ରଫୁଲ୍ଲ କୁମାର ରାଉତ, ସମ୍ପାଦକ ସୁଶାନ୍ତ କୁମାର ବାରିକ, ମିଡିଆ ସଂଯୋଜକ ତ୍ରିଲୋଚନ ଗୌତମ, ଧୀରେନ୍ଦ୍ର ସାହୁ, ରାଜେନ୍ଦ୍ର ପଣ୍ଡା, ସୁମନ୍ତ କୁମାର ମହାନ୍ତି, କ୍ଷମାମୟ ପାଣ୍ଡବ, ଉମାକାନ୍ତ ଦାଶ, ଗୌରହରି ମହାନ୍ତି, ରତିକାନ୍ତ ଦାଶ, ଜ୍ୟୋତିର୍ମୟ ପାଣ୍ଡବ, ସୁଧାଂଶୁ ନାୟକ, ହେମନ୍ତ ମହାନ୍ତି, ସୁରେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୬ରୁ ଯଶୋଟିକିରି ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ

ଭଣ୍ଡାରିପୋଖରୀ, ୧୩।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ନେରଡ଼ା ପଞ୍ଚାୟତ ଯଶୋଟିକିରି କ୍ରିକେଟ ପଡ଼ିଆରେ ୨୮ତମ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ ଭଦ୍ରକ ଉତ୍କଳିକା ସହ ଭୁବନେଶ୍ୱର ଟାଉନ କ୍ଲବ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୨୭ରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପୁରୀ ମହାବୀର କ୍ଲବ୍ ସହ ଭଦ୍ରକ ୟୁନିକ କ୍ଲବ୍‌ର ମୁକାବିଲା ହେବ। ୨୮ରେ ବାଲେଶ୍ୱର ଆଦର୍ଶ ଏକାଦଶ ସହ ଯାଜପୁର ଇଲେଭେନ ଷ୍ଟାରର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଏବଂ ୨୯ରେ ଗଜପତି ଆଜାଦ ଇଲେଭେନ ସହ କେନ୍ଦ୍ରାପଡ଼ା ଇନ୍ଦୁପୁର କ୍ଲବ୍ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରହିଛି। ୩୦ରେ ପ୍ରଥମ ସେମିଫାଇନାଲ ଓ ୩୧ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫେବୃଆରୀ ୨ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମହାବୀର କ୍ରିକେଟ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ସଙ୍କଟରେ ଫ୍ଲାଏଆଶ୍ ବ୍ରିକ୍ସ ଶିଳ୍ପ

### ମିଳୁନି ଆବଶ୍ୟକ କଞ୍ଚାମାଲ

ଭଦ୍ରକ, ୧୩।୧ (ସନାତନ ରାଉତ)

ଭଦ୍ରକ ଜିଲାରେ କଞ୍ଚାମାଲ ଠିକ୍ ଭାବେ ମିଳୁ ନ ଥିବାରୁ ଏବେ ସଙ୍କଟରେ ଫ୍ଲାଏଆଶ୍ ବ୍ରିକ୍ସ ଶିଳ୍ପ। ଲକ୍ଷାଧିକ ଟଙ୍କା ପୁଞ୍ଜି ନିବେଶ କରି କ୍ଷୁଦ୍ର ଶିଳ୍ପଦ୍ୟୋଗୀମାନେ କାରଖାନା ଚଳାଇବାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଆବଶ୍ୟକ ପାଉଁଶ ଜିଲା ପ୍ରଶାସନ ଯୋଗାଇବା ପାଇଁ ସେମାନେ ଦାବି କରିଛନ୍ତି। ଭଦ୍ରକର ଏକ ପାୱାର ପ୍ଲାଣ୍ଟରୁ ପ୍ରତ୍ୟେକ ଦିନ ୬ଶହ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ଫ୍ଲାଏଆଶ୍ ବାହାରୁଥିବା ବେଳେ ଭଦ୍ରକର ଫ୍ଲାଏଆଶ୍ ଶିଳ୍ପକୁ ମାତ୍ର ଦେଢ଼ଶହ ମେଟ୍ରିକ୍ ଟନ୍ ପାଉଁଶ ଯୋଗାଇ ଦିଆଯାଉଛି। ଏହି ୟୁନିଟ୍‌ଗୁଡ଼ିକ ଚଳାଇବା ପାଇଁ ପ୍ରତ୍ୟେହ ପ୍ରାୟ ୩୩ ମେଟ୍ରିକ୍ ଟନ୍ ପାଉଁଶ ଆବଶ୍ୟକ। କିନ୍ତୁ ଦୈନିକ ମାତ୍ର ୧୨ ମେଟ୍ରିକ୍ ଟନ୍ ପାଉଁଶ କମ୍ପାନୀ କର୍ତ୍ତୃପକ୍ଷ ଯୋଗାଇ ଦେଉଛନ୍ତି। ଫଳରେ ବ୍ରିକ୍ସ ୟୁନିଟ୍‌ଗୁଡ଼ିକ ଚଳାଇବା ସମ୍ଭବ ହୋଇପାରୁ ନାହିଁ ବୋଲି ଫ୍ଲାଏଆଶ୍ ମାନୁଫେକ୍ଚରର୍ସ ଆସୋସିଏଶନ ସାଧାରଣ ପରିଷଦ ବୈଠକରେ ସଭାପତି କ୍ଷୀରୋଦ ଚନ୍ଦ୍ର ରାଉତ କ୍ଷୋଭ ପ୍ରକାଶ କରିଛନ୍ତି।



ବୈଠକରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

ଏହି କ୍ଷୁଦ୍ର ଶିଳ୍ପ ଉପରେ ନିର୍ଭର କରି ୨ ହଜାର ୫ଶହ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ନିର୍ବାହ କରୁଥିବା ବେଳେ ଠିକ୍‌ରେ ଚାଲୁ ନ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ବ୍ୟାଙ୍କ ଋଣ ନେଇ ବିନିଯୋଗ କରିଥିବା ଉଦ୍ୟୋଗୀମାନେ ଆର୍ଥିକ ସଙ୍କଟରେ ମଧ୍ୟ ଗତି କରୁଥିବା ୧୦୭ଟି କାରଖାନାକୁ ନେଇ ଗଠିତ ସଂଘ ପକ୍ଷରୁ ଭଦ୍ରକର ପ୍ରଜାପତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ କୁହାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଉଦ୍ୟୋଗପତିମାନଙ୍କ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଇଂ. ସୂର୍ଯ୍ୟକାନ୍ତ ବେହେରା ଓ ଆଇପିଓ ଶଶୀଶେଖର ବେହେରା ଯୋଗ ଦେଇଥିଲେ। ସମ୍ପାଦକ ଲାଲା ଜଗଦୀଶ ପ୍ରସାଦ ରାୟ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସଭାପତି ଦେବେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ବିଶାଲ ଲଖାନୀ, ପ୍ରଫୁଲ୍ଲ ରାଉତ, କୋଷାଧ୍ୟକ୍ଷ ସୁବ୍ରତ ଲେଙ୍କା, ବିଦ୍ୟାଧର ବାରିକ୍, ବିନୋଦ ଫୋଗଲା, ଶିବକୁମାର ବାହେତି, ଲକ୍ଷ୍ମୀଧର ନାୟକ, ଖଗେଶ୍ୱର ବଳ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସଭାପତି ଦିବଂଗତ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ପୋଖରୀରେ ବୁଡ଼ି ଜଣେ ମୃତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ରେଙ୍ଗାଳବେଡ଼ା ଗ୍ରାମ ପୋଖରୀରେ ସୋମବାର ବୁଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଶିବରାମ ମହାନ୍ତ (୫୮)। ସେ ପୋଖରୀରେ ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ମୃତଦେହକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩/୨୫) ରୁଜୁ ହୋଇଛି।

କେନ୍ଦୁଝର

# ଟୁସୁଦେବୀଙ୍କ ପୂଜାରେ ମସଗୁଲ କୁଡୁମୀ ସମ୍ପ୍ରଦାୟ

କେନ୍ଦୁଝର,୧୩।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଏବଂ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟରେ ମକରପର୍ବ ପାଇଁ ପ୍ରସ୍ତୁତି ସରିଛି। ମୁଖ୍ୟତଃ ଏହି ପର୍ବ ପାଇଁ ମହାନ୍ତ ସମ୍ପ୍ରଦାୟର ଲୋକମାନେ ଟୁସୁଦେବୀଙ୍କ ପୂଜାରେ ମଜଗୁଲ ରହିଛନ୍ତି। ପ୍ରାୟ ୧୫ ଦିନ ବ୍ୟାପି କୁଡୁମୀ ସମ୍ପ୍ରଦାୟ ଦ୍ୱାରା ପୂଜା କରାଯାଉଥିବା ଟୁସୁ ଦେବୀଙ୍କୁ ମକରରେ ମେଲାଣି ଦିଆଯାଇଥାଏ। ଏ ଅବସରରେ ବିଭିନ୍ନ ସ୍ଥାନରେ ଟୁସୁ ଓ ଟୁସୁ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ସୁସଜ୍ଜିତ ଟୁସୁ ମୂର୍ତ୍ତିଙ୍କୁ ଆୟୋଜିତ ସଭାରେ ପୁରସ୍କୃତ କରାଯାଏ। ପରେ ଶୋଭାଯାତ୍ରାରେ ଭସାଣି କରାଯାଇଥାଏ। ମକର ଅବସରରେ ୨ ଜିଲା ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ପ୍ରବାହିତ ବୈତରଣୀ ନଦୀର ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ସରେଇ ନିକଟ କେଶରୀକୁଣ୍ଡ ଓ ପାଟଣା ବ୍ଲକ୍ ଅନ୍ତର୍ଗତ ଭୀମକୁଣ୍ଡରେ ମକର ବୁଡ଼ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ସେହିପରି ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଗୋନାସିକାର ଦେବକୁଣ୍ଡ ଓ ଘଷିପୁରା ବ୍ଲକ୍ ଝାଡ଼େଶ୍ୱର ଘାଟରେ ମଧ ମକର ବୁଡ଼ ଦେବାକୁ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଛି। କେନ୍ଦୁଝରରେ ଗୋଟିଏ ଦିନରୁ ମକର ମେଳା ଆରମ୍ଭ କରି ୧୫ ଦିନ ପର୍ଯ୍ୟନ୍ତ ପାଳିତ ହୋଇଥାଏ। ବିଭିନ୍ନ ସ୍ଥାନରେ ମୀନାବଜାର, ଅପେରା ସୋ ଆଦି ଦେଖିବାକୁ ଲୋକଙ୍କ ଭିଡ଼ ଜମେ। ମକର ଅବସରରେ ଘଟଗାଁ ମା' ତାରିଣୀଙ୍କ ପୀଠ, ବାରାହାଟିପୁରାଠାରେ ଥିବା ନୀଳକଣ୍ଠେଶ୍ୱର ମହେଶଙ୍କ ପୀଠରେ ଭିଡ଼ ଜମେ। ଏତଦ୍ ବ୍ୟତିତ ଜିଲାର ହରିଚନ୍ଦନପୁର ବ୍ଲକ୍‌ର ଧାନବେଣୀଠାରେ ପ୍ରାୟ ୨୦୦ ଫୁଟ୍ ଉଚ୍ଚରେ ଅଧା ଗୋଲାକାର ପଥର ଉପରେ ଶିବ ମନ୍ଦିର, ଭାଲୁଘର, ମଥୁରାମଣ୍ଡଳୀ, ଚିଲିଦା, ଟାଙ୍ଗରବନ୍ତଳା, ରାମତୀର୍ଥ, ଚକ୍ରତୀର୍ଥ ଆଦି ସ୍ଥାନରେ ୫ ଦିନ ଧରି ମେଳା ବସିଥାଏ।

## ମକର, ଟୁସୁ ପର୍ବ ପାଇଁ ପାଟଣା ଉତ୍ସବମୁଖର



ପାଟଣା,୧୩।୧(ବୀର କିଶୋର ଦାଶ)
କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କୁଡୁମୀ ସମ୍ପ୍ରଦାୟର ଗଣପର୍ବ ମକର ପାଇଁ ପାଟଣା ଅଞ୍ଚଳ ଉତ୍ସବମୁଖର ହୋଇଛି। ଦୋକାନ ବଜାର ସବୁଠି ମକର ସଜ କିଣିବା ପାଇଁ ଭିଡ଼। ଘରକୁ ମରାମତି କରାଯାଇ ନୂଆ ରଙ୍ଗ କରାଯାଇଛି। ବାହାର ରାଜ୍ୟରେ କାମ କରୁଥିବା ଲୋକେ ମକରରେ ଆମୋଦ ପ୍ରମୋଦ କରିବାକୁ ଗାଁକୁ ଫେରିଛନ୍ତି। ୩ ଦିନ ବ୍ୟାପି ସ୍ୱାଦିଷ୍ଟ ପିଠା ପଣା ସାଙ୍ଗକୁ ଖାସି ଓ କୁକୁଡ଼ା ମାଂସର ବ୍ୟଞ୍ଜନର ଆସର ଜମିବ। ସୂଚନାଯୋଗ୍ୟ, ଉପକୂଳ ଓଡ଼ିଶାରେ ସଂକ୍ରାନ୍ତିରେ ଆମିଷ ଖାଉ ନ ଥିବା ବେଳେ ଉତ୍ତର ଓଡ଼ିଶାରେ ତାହାର ବ୍ୟତିକ୍ରମ ଦେଖା ଦିଏ। କୁଡୁମୀ ସମ୍ପ୍ରଦାୟର ପ୍ରଧାନ ଘରେ ୧ ମାସ ହେବ ଟୁସୁ ମିନିଙ୍କୁ କୁମାରୀ କନ୍ୟାମାନେ ପୂଜା ଅର୍ଚ୍ଚନା କରୁଛନ୍ତି। ସୋମବାର କୁମାରୀ, ମହିଳାମାନେ ଟୁସୁ ଦେବୀଙ୍କ ଲୀଳା, ଖେଳା, ଯୌବନ ଓ ପ୍ରାଣ ବିସର୍ଜନ ବୃତ୍ତାନ୍ତ ଝୁମର ସ୍ୱରରେ ବୋଲି ରାସ୍ତା କଡ଼ ଓ ଘରକୁ ଘର ବୁଲାଇଥିଲେ। ମଙ୍ଗଳବାର ମକର ସଂକ୍ରାନ୍ତିରେ ଏକ ସୁସଜ୍ଜିତ ବିମାନରେ ଟୁସୁ ଦେବୀଙ୍କୁ ଗାଁ ପାଖ ନଦୀରେ ବିସର୍ଜନ କରି ବୁଡ଼ ପକାଇବେ। ଚଳିତ ବର୍ଷ କପୁଣ୍ଡି ପଞ୍ଚାୟତ ବୈତରଣୀ ନଦୀ କୂଳ ଧାନବେଣୀ, ଡୁମୁରିଆ ପଞ୍ଚାୟତ ଘାଟ ବସ୍ଲିର ଯୋଡ଼ି, ମିରିଖୋଜି ପଞ୍ଚାୟତ ଅସନବଣୀ ସିନ୍ଦୁରି ଗୌରୀ, ମୁଶାଖୋରି ପଞ୍ଚାୟତ କାଶିଆ ନାଳକୂଳ, କଣ୍ଟିଆପଡ଼ା ପଞ୍ଚାୟତ ବାଲାଣିପଶି ଗ୍ରାମରେ ଟୁସୁ ମେଳା ଅନୁଷ୍ଠିତ ହେଉଛି।

## ମିଳିତ ଅଭିଯୋଗ ଶୁଣାଣି

ଯୋଡ଼ା,୧୩।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ସୋମବାର ଏକ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ, ଏସ୍‌ପି ନୀତିନ କୁସଲକର ଦାଗୁଡ୍ଡୁ, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ପୃଷ୍ଟି, ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ବିଡିଓ ଅରୁଣିମା ସାହୁ ପ୍ରମୁଖ ଉପସ୍ଥିତ ରହି ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ୮୩ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ସ୍କୁଲ ପାଚେରି ନିର୍ମାଣ, ବିଦ୍ୟୁତ୍ ଆଲୋକ, ଟ୍ରାଫିକ ସମସ୍ୟା ପ୍ରଭୃତି ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ବାମେବାରିଠାରୁ କାଳୀମାଟି, ବିଲେଇପଦାଠାରୁ ମୁର୍ଗା, ନୂଆଁଗାଁ ଖଣିର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଭଦ୍ରାସାହିଠାରୁ ରୁଗୁଡି ପର୍ଯ୍ୟନ୍ତ ହେଉଥିବା ଟ୍ରାଫିକ ସମସ୍ୟା ନେଇ ହୋଇଥିବା ଅଭିଯୋଗର ଜିଲାପାଳ ଶୁଣାଣି କରିଥିଲେ। ଏହାସହିତ ବିରିକଳା ପଞ୍ଚାୟତର ବିଲେଇପଦା ହାଟପଡ଼ିଆରେ ମା' ତାରିଣୀ ମନ୍ଦିର ପାଇଁ ମଞ୍ଜୁର ଅର୍ଥର ସୁବିନିଯୋଗ, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ହୋଇଥିବା ଅଭିଯୋଗର ସମାଧାନ ପାଇଁ ଜିଲାପାଳ ବଡବିଲ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମଳପୁର ଗ୍ରାମରେ ଅଚଳ ହୋଇ ପଡ଼ିଥିବା ୩ ଉଠାଜଳସେଚନକୁ ବିଦ୍ୟୁତ୍ ସଂଯୋଗ କରାଯିବା ନେଇ ଅଭିଯୋଗ ହୋଇଥିଲା। ଏହାସହିତ ବ୍ଲକ୍ ପକ୍ଷରୁ ୫ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ବଉଳା,୧୩।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନ ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ, କଲେଜର ଅଧ୍ୟକ୍ଷ ଅଜୟ ଜେନା ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ହେମନ୍ତ ନାଥ ଖେଳକୁ ପରିଚାଳନା କରିଥିଲେ। କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳପ୍ରତି ଆଗ୍ରହ ଓ ପ୍ରତିଯୋଗିତା ବୃଦ୍ଧି ପାଇବା ସହିତ ସୁସ୍ଥଭାବେ ଛାତ୍ରୀଛାତ୍ର ରହି ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖେଳରେ ଛାତ୍ର ବିଭାଗର ଶୁଭମ୍ ଦାସ ଚାମ୍ପିଅନ ହୋଇଥିବାବେଳେ ରନ୍‌ର୍ସଅପ ପ୍ରଭୁ ପ୍ରସାଦ ରାଉତ, ବାଳିକା ବିଭାଗରେ ଶକ୍ତି ରୁପା ନାଇକ ଚାମ୍ପିଅନ, ମମତା ସୁରେନ୍ ରନର୍ସଅପ ହୋଇଥିଲେ। ଅଧ୍ୟାପକ ଫକିର ଚରଣ ଶଙ୍ଖୁଆ, ଜିତେନ୍ଦ୍ର ମହାନ୍ତି, ଜ୍ଞାନେନ୍ଦ୍ର ଜେନା, କର୍ମଚାରୀ ଦୁର୍ଯ୍ୟୋଧନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ପାଚିକା ସହାୟିକାଙ୍କ ବୈଠକ




ଛେନାପଦି,୧୩।୧(ନିରାକାର ପରିଡ଼ା)
କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପାଚିକା, ସହାୟିକାଙ୍କୁ ନେଇ ହାଟଡ଼ିହୀ ହାଇସ୍କୁଲରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଚିକା ସହାୟିକା ମଜ୍ଦୁର ସଂଘ ଓଡ଼ିଶାର ଉପ ସଭାପତି ଉମାକାନ୍ତ ଦାସ, ଜିଲା ସଂଯୋଜକ କାମପାଳ ନାୟକ, ବିଏମ୍‌ଏସ୍ ରିପାମଣି ବାରିକ, ରବିନ୍ଦ୍ର ଜେନା ଏବଂ ପାଚିକା ସହାୟିକା ସଂଘର ସଭାପତି ଆରତୀ ପହି, ସମ୍ପାଦିକା ସଂଯୁକ୍ତା ପୃଷ୍ଟି ଓ ୯ ଜଣ କମିଟି ମେମ୍ବରଙ୍କ ସମେତ ସମସ୍ତ ପଞ୍ଚାୟତର ପାଚିକାମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ପାଚିକାମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ସମସ୍ୟାଗୁଡ଼ିକର କିପରି ସାମଧାନ ହେବ ସେ ନେଇ ସରକାରଙ୍କୁ ଅବଗତ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

## ଗୋଲଡେନ୍ କପ୍ ଟି-୨୦ କ୍ରିକେଟ୍ ଉଦ୍‌ଯାପିତ
## ନିମପୁର କଟକ ଚାମ୍ପିୟନ

ଆନନ୍ଦପୁର,୧୩।୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଅଳତି ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୧ ତମ ସର୍ବଭାରତୀୟ ଗୋଲଡେନ୍ କପ୍ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆଲ୍‌ଫା ବ୍ରହ୍ମପୁର ଏବଂ ନିମପୁର କଟକ ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ନିମପୁର କଟକ ଚାମ୍ପିୟନ ହୋଇଛି। ଆଲଫା ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ନିମପୁର କଟକ ବ୍ୟାଟିଂ କରି ୨୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ଆଲ୍‌ଫା ବ୍ରହ୍ମପୁର ୨୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୪ କରିବାରେ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ସମ୍ପାଦକ ପ୍ରଦୀପ ବାରିକ ଏବଂ ସିନେତାରକା ଅନୁଭବ ମହାନ୍ତି, ସିନେ ଅଭିନେତ୍ରୀ ରିୟା ଦେ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ନଗଦ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଦଳକୁ ନଗଦ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ଭାବେ ନିମପୁର କଟକର ସୂର୍ଯ୍ୟକାନ୍ତ ଭରଦ୍ୱାଜ ଏବଂ ପ୍ଲେୟାର ଅଫ ଟୁର୍ନାମେଣ୍ଟ ଭାବେ ବିକ୍ରମ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ରାମକୋ ସିମେଣ୍ଟ କମ୍ପାନୀ ପକ୍ଷରୁ ଡିଲର ଉତ୍କଳ କୁମାର ସାହୁ ଛକା ପାଇଁ ୫ ଶହ ଟଙ୍କା ଲେଖାଏ ଘୋଷଣା କରି ମୋଟ ୨୩ ଛକା ପାଇଁ ୧୧ ହଜାର ୫ ଶହ ଟଙ୍କା ଖେଳାଳୀଙ୍କୁ ପ୍ରଦାନ କରି ଉତ୍ସାହିତ କରିଥିଲେ। ଓସିଏ ଅନୁବନ୍ଧିତ ଅମ୍ପାଆର୍ ପ୍ରାଣନାଥ ଜେନା ଏବଂ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ମହାରଣା, ସବ୍ୟସାଚୀ ଦାସ, ସମିର ସ୍ୱାଇଁ, ଆଦିତ୍ୟ ନାୟକ ସ୍କୋର ବୋର୍ଡରେ ଥିଲେ। ବିପିନ ବିହାରୀ ସାହୁ, ତପନ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ୍‌ର ମାର୍ଗଦର୍ଶକ ଡ. ରତିକାନ୍ତ ବରାଳ, ମ୍ୟାନେଜର ମନ୍ମଥ ରାଉତ, କାର୍ଯ୍ୟନିର୍ବାହୀ ପ୍ରଶନ୍ନ ନାୟକ, ଜିତେନ୍ଦ୍ର ଓଝା ଏବଂ ସମସ୍ତ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ।

## ମଦ ଜବତ, ୩ ଗିରଫ

ଛେନାପଦି,୧୩।୧(ନିରାକାର ପରିଡ଼ା): କେନ୍ଦୁଝର ଜିଲାର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ଦାଶଙ୍କ ନିର୍ଦ୍ଦେଶକ୍ରମେ ହାଟଡ଼ିହୀ ଅବକାରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ସୋସୋ ଓ ନନ୍ଦିପଦା ଥାନା ଅଞ୍ଚଳର ପୁରୁଣାପାଣି, ହରଡ଼ବାଡ଼ି, ଢେଙ୍କା, ବରଗ ନନ୍ଦିପଦାରୁ ୩ ହଜାର କିଲୋ ମହୁଲ ପୋଚ ନଷ୍ଟ କରିବା ସହ ୨୨୮ ଲିଟର ମହୁଲିମଦ ସହ ୩.୨୪୦ଲି. ବେଆଇନ ବିଦେଶୀ ମଦ ଜବତ ହୋଇଛି। ଚୋରା ମଦ କାରବାରରେ ସମ୍ପୃକ୍ତ ରଙ୍କନିଧି ଜେନା(୩୯), ବିକାଶ ଚନ୍ଦ୍ର ଗୁଡୁ(୨୧) ଓ ଚୈତନ୍ୟ ମୁର୍ମୁ(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ହାଟଡ଼ିହୀ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସ୍ମିତା ବେହେରା ସୂଚନା ଦେଇଛନ୍ତି।

ମୟୂରଭଞ୍ଜ

# 'ନିଜେ ଗୁଳି ଖାଇ ଅନ୍ୟ ହାତୀଙ୍କୁ ବଞ୍ଚାଇଥିଲା'

ବାରିପଦା,୧୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଥିବା ପୋଷା ଦନ୍ତାହାତୀ ମହିନ୍ଦ୍ରାର ମୃତ୍ୟୁ ବନ୍ୟପ୍ରାଣୀ ପ୍ରେମୀଙ୍କୁ ବ୍ୟଥିତ କରିଛି। ଶିମିଳିପାଳ ସୁରକ୍ଷାରେ ସେ ହିଁ ରିୟଲ ହିରୋ ଥିଲା ବୋଲି କୁହାଯାଉଛି। କାଠଚୋରଙ୍କ ଆକ୍ରୋଶରୁ ଗୁଳିମାଡ଼ ଖାଇ ମଧ ସାହସ ଦେଖାଇ ଥିଲା। ୨୦୦୧ରେ କର୍ନାଟକରୁ ତାଲିମପ୍ରାପ୍ତ ଦନ୍ତାହାତୀ ମହିନ୍ଦ୍ରା, ମାଈହାତୀ ଶୋଭା ଓ ଭବାନୀଙ୍କୁ ଶିମିଳିପାଳ ଅଭୟାରଣ୍ୟ ଅଣାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଚହଲା ରେଞ୍ଜରେ ସେମାନଙ୍କୁ ରଖାଯାଇଥିଲା। ହାତୀ ପିଠିରେ କର୍ମଚାରୀମାନେ ବସି ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ କର୍ମଚାରୀମାନେ ମହିନ୍ଦ୍ରା ପିଠିରେ ବସି କାର୍ଯ୍ୟ କରୁଥିଲେ। ସେହିପରି ଅଭୟାରଣ୍ୟରେ ଥିବା ହାତୀ, ବାଘ, ଭାଲୁ ଭଳି ହିଂସ୍ର ଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିଲେ କର୍ମଚାରୀମାନେ ମହିନ୍ଦ୍ରାର ସହଯୋଗ ଲୋଡୁଥିଲେ। ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଆନ୍ଧ୍ରପ୍ରଦେଶରୁ ଆସିଥିବା ବଣୁଆ ହାତୀପଲ ଆସ୍କା ଅଞ୍ଚଳରେ ଉତ୍ପାତ ଚଳାଇଥିଲେ। ସେହି ହାତୀପଲଙ୍କୁ ଘଉଡ଼ାଇବା ପାଇଁ ମହିନ୍ଦ୍ରା ଓ ଶୋଭାକୁ ଶିମିଳିପାଳରୁ ନିଆଯାଇଥିଲା। କ୍ଷଣିକ ସମୟ ମଧ୍ୟରେ ମହିନ୍ଦ୍ରା ସମସ୍ତ ହାତୀଙ୍କୁ ଆନ୍ଧ୍ରପ୍ରଦେଶ ମୁହାଁ କରାଇ ଦେଇଥିଲା। ସେହିପରି ବିଗତ ବର୍ଷରେ ବାରିପଦା ସହରରେ ପ୍ରବେଶ କରୁଥିବା ଝାଡ଼ଖଣ୍ଡୀ ହାତୀକୁ ଘଉଡ଼ାଇବାକୁ ବନ ବିଭାଗ ନୟାନ୍ତ ହୋଇଥିଲା । ନିରୁପାୟ ହୋଇ କର୍ମଚାରୀମାନେ ମହିନ୍ଦ୍ରାକୁ ଆଣିବା ପରେ ସଙ୍ଗେ ସଙ୍ଗେ ବଣୁଆ ହାତୀକୁ ଘଉଡ଼ାଇବାରେ ସକ୍ଷମ

### ମହିନ୍ଦ୍ରାକୁ ଝୁରୁଛି ଶିମିଳିପାଳ

ହୋଇଥିଲେ। ସେହିପରି କାଠଚୋର ଓ ଶିକାରୀଙ୍କୁ ଧରାଇବାରେ ସାହାଯ୍ୟ କରୁଥିବାରୁ ମହିନ୍ଦ୍ରା ଉପରେ ସେମାନଙ୍କ ଆକ୍ରୋଶ ଲାଗି ରହୁଥିଲା। ୨୦୦୯ ମାର୍ଚ୍ଚ ୨୯ରେ ଶିମିଳିପାଳ ଅଭୟାରଣ୍ୟର ଗୁଡୁଗୁଡ଼ିଆ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତିକୁ ନେଇ ବନ କର୍ମଚାରୀମାନେ ଜଙ୍ଗଲ ମଧ୍ୟକୁ ଭୟରେ ପ୍ରବେଶ କରୁ ନ ଥିଲେ। ଏପରି ସ୍ଥଳେ ମହିନ୍ଦ୍ରାକୁ ଛାଡ଼ିବା ପରେ ମାଓବାଦୀ ମଉକାରେ ଶିକାରୀ କାଠଚୋରଙ୍କ ଗୁଳି ଓ ତୀରବିଦ୍ଧର ଶିକାର ହୋଇଥିଲା । ମହିନ୍ଦ୍ରା ଦେହରେ ୮ଟି ଗୁଳି ଓ ତୀରମାଡ଼ ହେବା ପରେ ମଧ ତା' ସହିତ ଯାଇଥିବା ଶୋଭା, ଶିବାନୀ, ଭବାନୀ, ରାଜକୁମାର ଆଦି ହାତୀଙ୍କୁ ସାଙ୍ଗରେ ଧରି ଗୁଡୁଗୁଡିଆରୁ ଯଶିପୁର ବନଖଣ୍ଡ କାର୍ଯ୍ୟାଳୟକୁ ଚାଲି ଚାଲି ଆସି ପହଞ୍ଚିଥିଲା। ସେଠାରେ ଡାକ୍ତରମାନେ ସଙ୍ଗେ ସଙ୍ଗେ ଚିକିତ୍ସା କରି ତାକୁ



ମୃତ୍ୟୁମୁଖରୁ ବଞ୍ଚାଇ ଦେଇଥିଲେ। ଏହାର କିଛି ଦିନ ପରେ ମହିନ୍ଦ୍ରାର କାର୍ଯ୍ୟ ଦକ୍ଷତାକୁ ଦେଖି ଜଙ୍ଗଲ ବିଭାଗ ପକ୍ଷରୁ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାକୁ ଅଣାଯାଇଥିବା ଦୁଇ ମହାବଳ ବାଘ ସୁନ୍ଦରୀ ଓ ମହାବୀରର ସୁରକ୍ଷା ପାଇଁ ମହିନ୍ଦ୍ରାକୁ ନିୟୋଜିତ କରିଥିଲେ। ସେଠାରେ ୪ ବର୍ଷ ରହିବା ପରେ ଶିମିଳିପାଳକୁ ଦୁଇ ବାଘୁଣୀ ଯମୁନା ଓ ଜିନ୍ନତକୁ ଆଣିବା ପୂର୍ବରୁ ପୁଣି ଶିମିଳିପାଳ ଅଭୟାରଣ୍ୟକୁ ଫେରାଇ ଅଣାଯାଇଥିଲା । ତେବେ କିଛି ଦିନ ପୂର୍ବରୁ ମହିନ୍ଦ୍ରାର ଯୋଡ଼ି ଶୋଭାର ମୃତ୍ୟୁ ହେବା ପରେ ହାତୀଟିର ସ୍ୱଭାବରେ ସାମାନ୍ୟ ପରିବର୍ତ୍ତନ ଘଟିଥିଲା । ନିୟମାନୁଯାୟୀ ୬୦ ବର୍ଷ ପରେ ବିଭାଗ ପକ୍ଷରୁ ମହିନ୍ଦ୍ରାକୁ ଅବସର ଦେବାର ନିୟମ ରହିଛି। ଖାଇବା ପିଇବା ସହ ଚରାବୁଲା କରି ତା'ର ଭରଣପୋଷଣ କରିବାର ଦାୟିତ୍ୱ ବନ ବିଭାଗର ଥିଲା । ମାତ୍ର ବିଭାଗ ପକ୍ଷରୁ ଅଦ୍ୟାବଧି ତାକୁ କାର୍ଯ୍ୟରେ ନିୟୋଜିତ କରାଯାଇ ଆସୁଥିଲା। ମୃତ୍ୟୁ ପର୍ଯ୍ୟନ୍ତ ଏହି ଦୁଃସାହସିକ ପୋଷା ହାତୀର କର୍ତ୍ତବ୍ୟ ଚିରଦିନ ପର୍ଯ୍ୟନ୍ତ ଅମର ରହିବ। ଜଣେ ରିୟଲ ହିରୋ ଭାବେ ମହିନ୍ଦ୍ରା ଶିମିଳିପାଳକୁ ସୁରକ୍ଷା ଦେଇଆସୁଥିଲା। ତାର ସ୍ଥାନ ଅପୂରଣୀୟ ହୋଇ ରହିବ ବୋଲି ପରିବେଶବିତ ସଂଯୁକ୍ତା ବସା କହିଛନ୍ତି ।

## ଠାକୁରମୁଣ୍ଡା ପଞ୍ଚାୟତ ସମିତିର ବୈଠକ

ଠାକୁରମୁଣ୍ଡା,୧୩।୧(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ପଞ୍ଚାୟତ ସମିତିର ୮ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଡିଓ ସ୍ୱପ୍ନେଶ୍ୱର ବେହେରା, କେନ୍ଦୁଝର ଏମପିଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ୧୯ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଡେଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଗ୍ରାମପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦଳେଇ ସିଂ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପରେ ଅଧ୍ୟକ୍ଷାଙ୍କ ଅନୁମତି କ୍ରମେ କୃଷି,ପଶୁସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ ଯୋଜନା, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ବିଦ୍ୟୁତ୍ ଯୋଗାଣ,ଜଙ୍ଗଲ ଓ ପରିବେଶ, ମୃତ୍ତିକା ସଂରକ୍ଷିଣ, ଉନ୍ନୟନ କାର୍ଯ୍ୟ,ପାନୀୟ ଜଳ,ସାଧାରଣ ବଣ୍ଟନ,ସାମାଜିକ ସୁରକ୍ଷା, ମଙ୍ଗର ବିଭାଗ ସମେତ ଏମ ଜି ଏନ ଆର ଜିଏସ ଯୋଜନା ଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ,ଏବିଡିଓ ଟଙ୍କଧର ମହାନ୍ତ, ଏପିଓ ଧାନଚାନ୍ଦ ମହାନ୍ତ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକୋତ୍ସବ

ଝାରପୋଖରିଆ,୧୩।୧
(ସୁଧିର କୁମାର ମହାନ୍ତ)
ଝାରପୋଖରିଆସ୍ଥିତ ଲିଟିଲ ଷ୍ଟାର ପ୍ଲେ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ଚିନ୍ମୟ କୁମାର ଭଦ୍ରଙ୍କ ପ୍ରଚେଷ୍ଟାରେ ଆୟୋଜିତ ଉତ୍ସବରେ ସ୍କୁଲର ପ୍ରାଣ ପ୍ରତିଷ୍ଠାତା କାଶିନାଥ ଭଦ୍ର ଓ ତାଙ୍କର ସହଧର୍ମିଣୀ ମାଳତୀ ଭଦ୍ରଙ୍କ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ଆସ୍ଥା ମହାନ୍ତ, ମୁଖ୍ୟ ବ୍ୟକ୍ତା ଭାବେ ଶିକ୍ଷାବିତ୍ ସରୋଜ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅମିତ୍ ମିଶ୍ର, ସାମାଜିକ କର୍ମୀ ଅଶୋକ କୁମାର ପୃଷ୍ଟି, ଝାରପୋଖରିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଯୋଗ ଦେଇଥିଲେ। ରାଜାରାମ ପଣ୍ଡିତ ପ୍ରାରମ୍ଭିକ ଭାଷଣ ମାଧ୍ୟମରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କୁନି କୁନି ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଭିନ୍ନ ଶିକ୍ଷାର ଦିଗ ଉପରେ ମାର୍ଗଦର୍ଶନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୧୯୮୬ ବ୍ୟାଚର ବନ୍ଧୁମିଳନ

ଉଦଳା,୧୩।୧(ସନ୍ତୋଷ କୁମାର ବାଛିନୀ)– ଉଦଳା ଉଚ୍ଚବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅତୁଲବାବୁଙ୍କ ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମୃତିଚାରଣ, ଆଲୋଚନାଚକ୍ର, ସଂଗୀତ ପରିବେଷଣ ସହିତ ସୁଖ ଦୁଃଖ ଆଦାନ ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଉଥିଲେ ପରମାନନ୍ଦ ଖଣ୍ଡେଇ। ସୀମାନ୍ତ ତ୍ରୀପାଠୀ ଆୟୋଜିତ ସ୍ମୃତିଚାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ସ୍ମୃତିଚାରଣ ସଭାରେ ଡ଼ା. ମନୋରଂଜନ ମଲ୍ଲିକ ଅଂଶଗ୍ରହଣ କରି, 'ଆମର ସହପାଠୀମାନେ ଚପଳମତି ଥିଲେ କିନ୍ତୁ କେହି କୁଟିଳ ନ ଥିଲେ' ବୋଲି କହିଥିଲେ। ୧୯୮୬ ଆମଠାରୁ ଛଡ଼ାଇ ନେଇଛି ଶୈଶବ, ତେଣୁ ଏହା ଆମ ପାଇଁ ଦୁଃଖର ଦିନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିନ୍ଦ୍ର ପରିଡ଼ା, ପ୍ରଭାତ ସାହୁ, ରବି ମହାପାତ୍ର, ମହେଶ୍ୱର ବେହେରା, ସୁବ୍ରତ ମହାନ୍ତି, ତାପସ ଜେନା, ଶଶିଭୂଷଣ ବେହେରା, ମନୋଜ ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ପିଲାଦିନର କଥାକୁ ମନେପକାଇ ଭାବବିହ୍ୱଳ ହୋଇ ଉଠିଥିଲେ। ମନୋଜ ଦାସ ଓ ହିମାଂଶୁ ପାଲ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସିତେନ ଦତ୍ତ, ରତ୍ନାକର ସାହୁ, ରମଣି ରଞ୍ଜନ ସାହୁ, ସତ୍ୟପ୍ରକାଶ ବସା, ତରୁଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ମୋରଡ଼ା,୧୩।୧
(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂଆଗାଁସ୍ଥିତ ମାଣ୍ଡିଆ ବିକ୍ରୟ କେନ୍ଦ୍ରରେ ସୋମବାର ମଣ୍ଡି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହାକୁ ସ୍ୱାର୍ ସହାୟକ ସଂସ୍ଥା ପରିଚାଳନା କରୁଥିବା ବେଳେ ସିର୍ଜନ ଫାରମର୍ସ କମ୍ପାନୀ ଲିଂ କ୍ରୟ ସଂସ୍ଥା ଭାବେ କାର୍ଯ୍ୟ କରୁଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମୋରଡ଼ା ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ୍, ମୁଖ୍ୟ ବକ୍ତାଭାବେ ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁ, ଅତିରିକ୍ତ ତହସିଲଦାର୍ ସି ବିଜୟଲକ୍ଷ୍ମୀ ଦଣ୍ଡପାଟ, ସୁପରଭାଇଜର କବିତା ପାତ୍ର, ଜିଲା ପରିଷଦ ସଦସ୍ୟ ଅଭିରାମ ଭୋଇ, ନୂଆଗାଁ ସରପଞ୍ଚ ଦାଶମାତ ସୋରେନ୍, ୱାସାନ ପ୍ରତିନିଧି ଶ୍ରୀକାନ୍ତ ମହାନ୍ତ, କୃଷି ଅଧିକାରୀ ବିଜୟ ନାୟକ ଓ ଗଣେଶ ପରିଡ଼ା, ଟି. ଡି. ସି. ସିର ହିରେନ୍ଦ୍ରନାଥ ପାଣିଗ୍ରାହୀ, ସ୍ୱାର୍ଡା ଅନୁଷ୍ଠାନର କୋଷାଧ୍ୟକ୍ଷ ସଞ୍ଜୟ ଦ୍ୱାରି, ହୃଦାନନ୍ଦ ସାହୁ, ସାଉଁନା ମାର୍ଣ୍ଡି, ଆଦିକନ୍ଦ ମହାନ୍ତ, ପୂର୍ଣ୍ଣ ନାୟକ, ସିର୍ଜନର ଅଧ୍ୟକ୍ଷ ଚୈତନ୍ୟ ମହାନ୍ତ, ଏସଏଚଜି ମହିଳା ଓ ଚାଷୀମାନେ ଯୋଗଦାନ କରିଥିଲେ। ସିର୍ଜନ ଫାର୍ମ ପ୍ରଡୁସର୍ ସଂସ୍ଥାର ମୁଖ୍ୟ କାର୍ଯ୍ୟ ନିର୍ବହୀ ମୋହନ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଶୋମତି ମହାନ୍ତ,ସୁମିତ୍ରା ମହାନ୍ତ, ସ୍ୱାଧୀନ ମହାନ୍ତ,ବ୍ରଜ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିନୋଦିନୀ ମହିଳା କଲେଜର ବାର୍ଷିକୋତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାଙ୍ଗିରିପୋଷି,୧୩।୧(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷିସ୍ଥିତ ବିନୋଦନୀ ମହିଳା କଲେଜରେ ଯୁବ ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ମଣିଭଦ୍ର ସେଣ୍ଠ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଡ. ଗଜେନ୍ଦ୍ର କୁମାର ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନକରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପଦେଷ୍ଟା ପ୍ରଫେସର ଡ. ତୁଷାରକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀକାନ୍ତ ଦାସ, ବିନୋଦିନୀ ଦାସ ଓ ମହେଶ୍ୱର କର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ରତିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମିନତୀ ମହାନ୍ତ, କଳ୍ପିତା ପାଢୀ, ଲିପି ନାୟକ, ବିଜୟଲକ୍ଷ୍ମୀ ପତି, ଗିରିଜାଶଙ୍କର ପ୍ରଧାନ,ତପତି କର, ଶୁକାନ୍ତି ମହାଦତି, ସୁଧାଂଶୁ ଶେଖର ମହାନ୍ତ, ଦଶରଥ ବେହେରା, ସ୍ମିତା ବସା, ରଜନୀ ମହାନ୍ତ, ସାବିତ୍ରୀ ବେହେରା ଓ ଦେବସ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୮ରେ ଛାତ୍ରୀଛାତ୍ର ଚୟନ ପରୀକ୍ଷା

**ସୋର, ୧୩। ୧(ଜନ୍ମେଜୟ ମିଶ୍ର)**

୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ନବୋଦୟ ବିଦ୍ୟାଳୟ ସମିତି ତରଫରୁ ଚଳିତ ମାସ ୧୮ତାରିଖରେ ଛାତ୍ରୀଛାତ୍ର ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ଏହି ଶିକ୍ଷାବର୍ଷ ପାଇଁ ପିଏମ୍ ଜବାହର ନବୋଦୟ ବିଦ୍ୟାଳୟ, ବାଗୁଡ଼ି ବାଲେଶ୍ୱରରେ ନାମଲେଖା ଲାଗି ଏହି ଚୟନ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରେ ଜିଲାରେ ଥିବା ସମସ୍ତ ପରୀକ୍ଷା କେନ୍ଦ୍ରରେ ହେବ। ଯେଉଁ ଆବେଦନକାରୀମାନେ ଚୟନ ପରୀକ୍ଷା ୨୦୨୫ ପାଇଁ ଆବେଦନ କରିଛନ୍ତି, ସେମାନେ ୧୮ ତାରିଖ ପୂର୍ବରୁ ସେମାନଙ୍କ ପରୀକ୍ଷା ପ୍ରବେଶ ପତ୍ରକୁ ନବୋଦୟ ବିଦ୍ୟାଳୟ ୱେବସାଇଟ(navoday.gov.in) ରୁ ଡାଉନଲୋଡ କରିପାରିବେ। ପରୀକ୍ଷା ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ହେବା ପାଇଁ ନବୋଦୟ ବିଦ୍ୟାଳୟ ଅଧକ୍ଷ ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି।

# ହିନ୍ଦୁ ସୁରକ୍ଷିତ ରହିଲେ ବିଶ୍ୱ ସୁରକ୍ଷିତ ରହିବ: ଶଙ୍କରାଚାର୍ଯ୍ୟ



ଖବରଦାତା ସମ୍ମିଳନୀରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଉଦ୍‌ବୋଧନ ଦେଉଛନ୍ତି।


ଗଙ୍ଗାସାଗରରେ ମକରବୁଡ଼ ଲାଗି ଆସିଥିବା ଶ୍ରଦ୍ଧାଳୁ।

**ଭୋଗରାଇ, ୧୩।୧( ପ୍ରଦୀପ ଦାସ)**

■ଆଜି ପୁଣ୍ୟ ସ୍ନାନ
■୪୫ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ
■୩ ମୃତ

ସନାତନ ଧର୍ମ ହେଉଛି ମୂଳ ଏବଂ ପ୍ରଧାନ। ଏହି ଧର୍ମର ବିକଳ୍ପ କି ଶେଷ ନାହିଁ। ସମଗ୍ର ବିଶ୍ୱରେ ଅଧର୍ମୀମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିବା ବେଳେ ସନାତନ ପନ୍ଥୀମାନେ ସୁରକ୍ଷିତ ନାହାନ୍ତି, ଏହା ଅତ୍ୟନ୍ତ ଉଦବେଗଜନକ। ଏଭଳି ସ୍ଥିତିରେ ସନାତନ ପନ୍ଥୀ, ସତ୍‌ଗୁରୁ ଓ ଶୁଭବୁଦ୍ଧିସମ୍ପନ୍ନ ରାଷ୍ଟ୍ରଭକ୍ତମାନେ ଅଣ୍ଟା ଭିଡ଼ିବାକୁ ପୁରୀ ଗୋବର୍ଦ୍ଧନ ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ମହାରାଜ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗଙ୍ଗାସାଗରରେ ମକରବୁଡ଼ ଦେବା ଓ ନଦୀସମୁଦ୍ର ପ୍ରଦୁ୍ୟଷଣମୁକ୍ତ ଲାଗି ମହାଆଳତୀ ଅବସରରେ ଏକ ଖବରଦାତା ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି। ବିଶ୍ୱରେ ବିଶେଷ କରି ଭାରତର ପଡୋଶୀ ଦେଶ ପାକିସ୍ତାନ ଓ ବାଂଲାଦେଶରେ ହିନ୍ଦୁମାନଙ୍କୁ ନିର୍ଯାତନା ଦେବା, ହିନ୍ଦୁ ନିଧନ କରିବା, ଧର୍ମୀୟ ମନ୍ଦିରକୁ ଧ୍ୱଂସ କରିବା ସେ ଦେଶର ସରକାରଙ୍କ ଘୃଣ୍ୟ କାର୍ଯ୍ୟ ଅରାଜକତା ଅଟେ ବୋଲି କହିବା ସହିତ ଯେଉଁଠି ହିନ୍ଦୁ ସୁରକ୍ଷିତ ନୁହେଁ ସେସବୁ ସ୍ଥାନରେ ମୁସଲିମ କିମ୍ବା ଅନ୍ୟ ଧର୍ମାବଲମ୍ବୀ ମଧ୍ୟ ସୁରକ୍ଷିତ ନୁହେଁ। ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେଲେ ମୁସଲିମମାନେ ଧ୍ୱଂସ ହୋଇଯିବେ ବୋଲି ଗୁରୁଜୀ କ୍ଷୋଭର ସହିତ ପ୍ରକାଶ କରିଥିଲେ। ଗଙ୍ଗା ସାଗରରେ ଅଦ୍ୟାବଧି ୪୫ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ ବୁଡ଼ ମାରିଥିବା ବେଳେ ମଙ୍ଗଳବାର ସକାଳ ୬ଟା ୧୮ରୁ ବୁଧବାର ସକାଳ ପର୍ଯ୍ୟନ୍ତ ମହେନ୍ଦ୍ର ବେଳାରେ ପୂଣ୍ୟସ୍ନାନ ଥିବାରୁ ତୀର୍ଥଯାତ୍ରୀଙ୍କ ସଂଖ୍ୟା ବଢ଼ିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମେଳାରେ ଉତ୍ତର ପ୍ରଦେଶର ୨ ଜଣ ଓ ହରିଆଣାର ଜଣେ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ଜଣେ ଶିକ୍ଷୟିତ୍ରୀଙ୍କୁ ସୁରକ୍ଷା ଦେବାକୁ ୨ ସ୍କୁଲକୁ ବଳି

**ଖଇରା, ୧୩।୧(ଉତ୍କଳବନ୍ଧୁ ପଣ୍ଡା)**

ଜଣେ ଶିକ୍ଷୟିତ୍ରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଜିଲା ଶିକ୍ଷାଧିକାରୀ ଖଇରା ବ୍ଲକର ପଳାସପୁର ଓ ନନ୍ଦୁର ଭଳି ୨ଟି ଛାତ୍ରୀଛାତ୍ର ବହୁଳ ବିଦ୍ୟାଳୟକୁ ବଳି ପକାଇବାକୁ ନେଇ ଏବେ ବିଦ୍ରୋହର ସ୍ୱର ଆରମ୍ଭ ହୋଇଛି। ପ୍ରଥମେ ପଳାସପୁର ହାଇସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ରତିବାଦ କରିବାର ୪ ମାସ ନ ପୂରୁଣୁ ସୋମବାର ନନ୍ଦୁର ନରେନ୍ଦ୍ର ପ୍ରସାଦ ହାଇସ୍କୁଲର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଗେଟରେ ତାଲା ଦେଇ ରାସ୍ତା ଉପରେ ବସି ଜିଲା ଶିକ୍ଷାବିଭାଗର ସ୍ୱେଚ୍ଛାଚାରିତା ନୀତିର ପ୍ରତିବାଦ କରି ଧାରଣା ଦେଇଥିଲେ। ପରେ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରିଙ୍କ ପରାମର୍ଶକ୍ରମେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ ଧାରଣାସ୍ଥଳକୁ ଯାଇ ପିଲା ଓ ଅଭିଭାବକଙ୍କ ସହ ଆଲୋଚନା କରି ଶିକ୍ଷକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପିଲାମାନେ ଧାରଣାରୁ ଉଠିଥିଲେ।

ପଳାସପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ୨୦୧୬ରେ ନିଯୁକ୍ତିର କିଛି ମାସ ମଧ୍ୟରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ରେମୁଣା ବ୍ଲକର ଶାସନବଡ ହାଇସ୍କୁଲକୁ ଡେପୁଟେଶନରେ ଚାଲିଯାଇଥିଲେ। ୯ବର୍ଷ କାଳ ପଳାସପୁର ହାଇସ୍କୁଲରୁ ଦରମା ନେଉଥିଲେ ହେଁ ରେମୁଣା ବ୍ଲକରେ ଚାକିରି କରିବା ପରେ ପିଲାମାନେ ଗଣିତ ଓ ବିଜ୍ଞାନ କୋର୍ସ ସରିପାରୁ ନ ଥିଲା। ଏହା ପ୍ରତିବାଦରେ ଅଭିଭାବକମାନେ ଶିକ୍ଷକଙ୍କୁ ବଦଳି କରିବା କିମ୍ବା ଅନ୍ୟଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ପଠାଇବାକୁ ଦାବି କରିଥିଲେ। ଜିଲା ଶିକ୍ଷାଧିକାରୀ ପଳାସପୁରର ବିଜ୍ଞାନ ଶିକ୍ଷକ ପଦବୀ ପୂରଣ ପାଇଁ ନନ୍ଦୁରସ୍ଥିତ ନରେନ୍ଦ୍ର ପ୍ରସାଦ ଉଚ୍ଚବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ସେଠୀଙ୍କୁ ଡେପୁଟେଶନ କରିଛନ୍ତି। ହେଲେ ୯ବର୍ଷ ଧରି କେବଳ ପଦବୀରେ ରହି ଦରମା ନେଉଥିବା ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ପାଇଁ ପଛଘୁଞ୍ଚା ଦେଇ ୨ ବିଦ୍ୟାଳୟର ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରିବାରେ ଏବେ ଅନଲାଇନରେ ବଦଳି କରାଯାଇପାରିବନାହିଁ। ଏଣୁ ମାର୍ଚ୍ଚ ସୁଦ୍ଧା ତାଙ୍କର ଅନ୍ୟତ୍ର ବଦଳି କରାଯିବା ସହ ନନ୍ଦୁର ହାଇସ୍କୁଲର ଉକ୍ତ ଶିକ୍ଷକଙ୍କର ଡେପୁଟେଶନ ବାତିଲ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।


ବିଦ୍ୟାଳୟ ଗେଟ ସମ୍ମୁଖ ରାସ୍ତାକୁ ଅବରୋଧ କରି ପିଲାମାନେ ରାସ୍ତାରେ ଧାରଣା ଦେଇଛନ୍ତି।

**ଟିପିଏନ୍‌ଓଡିଏଲ୍ ପକ୍ଷରୁ ପ୍ରମୁଖ ଗ୍ରାହକ ସମ୍ମିଳନୀ**

# ଯୋଗଦେଲେ ୧ଶହରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା

**ବାଲେଶ୍ୱର, ୧୩।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଯାଜପୁରସ୍ଥିତ ହୋଟେଲ୍ ବ୍ରାହ୍ମଣୀରେ ହାଇ ଟେନଶନ୍ (ଏଚ୍‌ଟି) ଓ ଏକ୍ସଟ୍ରିମ୍ଲି ହାଇ ଟେନ୍‌ଶନ୍ (ଇଏଚ୍‌ଟି)ର ପ୍ରମୁଖ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓ ମୂଲ୍ୟବାନ ଗ୍ରାହକଙ୍କ ମଧ୍ୟରେ ସହଯୋଗିତାପୂର୍ଣ୍ଣ ସମ୍ପୃକ୍ତିକୁ ଦର୍ଶାଉଛି। ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସକ, ପରିଚାଳନା ମୁଖ୍ୟ ନିଲେଶ ପୋଟଫୋଡ଼େ, ବାଣିଜ୍ୟ ଓ ସିଏସଆର ମୁଖ୍ୟ ଜୟଦୀପ ରୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ଇଞ୍ଜିନିୟର ଇନ୍ ଚିଫ୍ ଶରତ ମହାଳିକ, ଏଚ୍‌ଓଜି କି କଷ୍ଟମର ଗ୍ରୁପ୍ ସ୍ୱାଗତ ମୁଖାର୍ଜୀ, ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ସେନାପତିଙ୍କ ସମେତ ବହୁ ବରିଷ୍ଠ ପରିଚାଳନା ସଦସ୍ୟ ଯୋଗଦେଇ ଓଡ଼ିଶାର ଶକ୍ତି ବଣ୍ଟନ କ୍ଷେତ୍ରରେ ନୂତନ ପଦକ୍ଷେପ, ଶକ୍ତି ସଂରକ୍ଷଣ ପଦକ୍ଷେପ ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

ସିଇଓ ବସକ ଅଧିଗ୍ରହଣ ପରଠାରୁ ଗତ ସାଢ଼େ ୩ ବର୍ଷ ମଧ୍ୟରେ ଟିପିଏନଓଡିଏଲର ଉଲ୍ଲେଖନୀୟ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଜଳବନ୍ଦୀ ସବ୍‌ଷ୍ଟେଶନ, ଓଭରଲୋଡ୍ ବିଦ୍ୟୁତ ବ୍ୟବସ୍ଥା, ସାଗିଂ ଲାଇନ୍ ଏବଂ ବୃକ୍ଷଲତାରେ ଛନ୍ଦି ହୋଇଥିବା ଭିତ୍ତିଭୂମି ସମେତ ସେହି ସମୟରେ ପରିଚାଳନାଗତ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟିକ କ୍ଷେତ୍ରରେ ରାଜସ୍ୱ କ୍ଷତି, ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ପୁରୁଣା ଗ୍ରାହକ ସେବା ମଡେଲ୍ ଭଳି ସମସ୍ୟା ଦେଖାଦେଇଥିଲା। ଆହ୍ୱାନର ମୁକାବିଲା ପାଇଁ ଟିପିଏନଓଡିଏଲ ସ୍କାଡ଼ା/ଏଡିଏମ୍‌ଏସ୍, ଜିଆଇଏସ୍ ମ୍ୟାପିଂ, ଡ୍ରୋନ ଏବଂ ଭୂତଳ କେବୁଲ ଫଲ୍ଟ ଲୋକେଟର ଭଳି ଉନ୍ନତ ଜ୍ଞାନକୌଶଳ ଗ୍ରହଣ କରିବା ଉପରେ ଆଲୋକପାତ କରିଥିଲେ। କି କ୍ଲାଏଣ୍ଟ ଗ୍ରୁପ୍ (କେସିଜି) ଏବଂ ଗୋଷ୍ଠୀ ସମ୍ପୃକ୍ତି କାର୍ଯ୍ୟକ୍ରମ ଭଳି ଉପଭୋକ୍ତା-କୈନ୍ଦ୍ରୀକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଟିପିଏନଓଡିଏଲ କର୍ମଚାରୀଙ୍କ ଦ୍ୱାରା ବୈଦ୍ୟୁତିକ ନିରାପତ୍ତା ଉପରେ ଗୁରୁତ୍ୱାରୋପ ସ୍ୱରୂପ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନିରାପତ୍ତା ନାଟକ ପରିବେଷଣ କରାଯାଇଥିଲା।


ସମ୍ମିଳନୀରେ ଉପସ୍ଥିତ ଟିପିଏନ୍‌ଓଡିଏଲ୍‌ର ଅଧିକାରୀଗଣ।

## ପେଟିରୁ ନବଜାତ ଶିଶୁକନ୍ୟା ମୃତଦେହ ଜବତ

ବାଲେଶ୍ୱର, ୧୩।୧(ବାଞ୍ଛାନିଧି ଦେ)- ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ କସିମିଲା ପୋଲ ନିକଟରୁ ସୋମବାର ଏକ ନବଜାତ ଶିଶୁ କନ୍ୟାର ମୃତଦେହକୁ ପୋଲିସ ଜବତ କରିଛି। ଏହି ପୋଲ ନିକଟରେ ଗୋଟିଏ କାଗଜପେଟି ଭିତରେ ଶିଶୁକନ୍ୟାର ମୃତଦେହ ଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା ସଦଳବଳେ ପହଞ୍ଚି ଶିଶୁକନ୍ୟାର ମୃତଦେହକୁ ଜବତ କରିଥିଲେ। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ଏଠାରେ କିଏ ଶିଶୁ କନ୍ୟାର ମୃତଦେହକୁ ଆଣି ରଖିଥିଲା ସେନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଗୋଚାଲାଣ ବେଳେ ଅଟକାଇଲେ ଗ୍ରାମବାସୀ

**କାଳିପଦା, ୧୩।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରୁ ବିଭିନ୍ନ ସମୟରେ ପଶ୍ଚିମବଙ୍ଗକୁ ଗୋଚାଲାଣ ବଢ଼ିଚାଲିଛି। ଶନିବାର ଘଣ୍ଟିଆଡ଼ି ରାସ୍ତାରେ ୨ଜଣ ବ୍ୟକ୍ତି ୩ଟି ଗାଈକୁ ଚଳାଇ ନେଉଥିବା ବେଳେ ଗ୍ରାମବାସୀଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା ଏବଂ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ବଜରଙ୍ଗ ଦଳଙ୍କୁ ଖବର ଦେଇଥିଲେ। ହାସିମପୁର କାର୍ତ୍ତିକ ବାରିକ ନାମକ ବ୍ୟକ୍ତିଙ୍କ ମାଧ୍ୟମରେ ପଶ୍ଚିମବାର୍ଡକୁ ଚାଲାଣ କରୁଥିଲେ ବୋଲି ଭିଡିଓ ଘୂରି ବୁଲୁଛି। ଗୋରୁମାନଙ୍କୁ ବାଲିଆପାଳ ଥାନାରେ ଜିମା ଦେବା ପରେ ବାଲିଆପାଳରେ ଗୋଶାଳା ନ ଥିବାରୁ ବାରମ୍ବାର ପ୍ରମାଣପତ୍ର ସହିତ ଚାଷୀମାନଙ୍କ ହସ୍ତାନ୍ତର କରାଯାଉଛି ବୋଲି ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ କହିଛନ୍ତି।

## ଭୀମକୁଣ୍ଡ ମକର ମେଳା ଆରମ୍ଭ

**ପାଟଣା, ୧୩।୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପ୍ରାଚୀନ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡରେ ସୋମବାର ଭିମକୁଣ୍ଡ ମକର ମେଳା ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦଘାଟନ୍ କରିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଉପାଧକ୍ଷା ବୀଣାପାଣି ନାୟକ, ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ, ସମିତିସଭ୍ୟା ଜୟନ୍ତୀ ନାଏକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ଐତିହ୍ୟ ସମ୍ପନ୍ନ ଭୀମକୁଣ୍ଡ କିମ୍ବଦନ୍ତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପାର୍ଥସାରଥି ବେଜ ସଂଯୋଜନା କରିଥିଲେ। ଲବ୍ଧ ପ୍ରତିଷ୍ଠିତ ନୃତ୍ୟ ଶିଳ୍ପୀଙ୍କୁ ନେଇ ଝୁମର, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଜିପିଡିଓ ରଶ୍ମି ରେଖା ମହାନ୍ତି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ କୁମାର ପାଇକରାୟ, ଏଡିଓ ଯଦୁମଣି ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ସାହିତ୍ୟିକ ଦିବାକର ସାହୁଙ୍କ ପରଲୋକ

**କେନ୍ଦୁଝର, ୧୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା ସାରସ୍ୱତ ସାଧକ ଦିବାକର ସାହୁଙ୍କ ସୋମବାର ପରଲୋକ ଘଟିଛି। କିଛି ବର୍ଷ ହେବ ସେ ମସ୍ତିଷ୍କଘାତର ଶିକାର ହୋଇ ଘରେ ଚିକିତ୍ସିତ ହେଉଥିଲେ। ଅସୁସ୍ଥ ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ସେ ମିଳନୀ ସାହିତ୍ୟ ସଂସଦର ପୂର୍ବତନ ସଭାପତି ଥିବା ସମୟରେ ସାହିତ୍ୟ ଚର୍ଚ୍ଚା କରି ଅନେକ ସାହିତ୍ୟିକ, କବି, ଗବେଷକ ଗଢ଼ିଥିଲେ। ଓଡ଼ିଆ ସାହିତ୍ୟ ସଂସ୍କୃତିର ବିକାଶ ଲାଗି ସେ ଜିଲା, ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଓଡ଼ିଆ ଭାଷା ଅସ୍ମିତା ପ୍ରଚାର ଲାଗି ସଚେତନ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ, ବହୁ ସାହିତ୍ୟିକ, ବିଶିଷ୍ଟ ଲୋକ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ କିମିରୀଡୋଲି ଶ୍ମଶାନରେ ଅନ୍ତିମ ସତ୍କାର ହୋଇଛି। ବଡ଼ପୁଅ ତନ୍ମୟ ସାହୁ ମୁଖାଗ୍ନି ଦେଇଥିଲେ।

## ୧୬ଟି ଫାଶ ଜବତ, ଜଣେ ଗିରଫ

ଯୋଡ଼ା, ୧୩।୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ବନ ସେକ୍ସନ ଅଧୀନସ୍ଥ କାକରପାଣି ନିକଟସ୍ଥ ବୈତରଣୀ(ଏ) ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ଶିକାର ଉଦ୍ଦେଶ୍ୟରେ ଲଗାଯାଇଥିବା ୧୬ ଫାଶକୁ ବନ ବିଭାଗ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦା କାକରପାଣି ଅଞ୍ଚଳର ରୟା ମୁଣ୍ଡା ବୋଲି ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ଉକ୍ତ ଜଙ୍ଗଲରେ ବିଭିନ୍ନ ବନ୍ୟପ୍ରାଣୀଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ପ୍ରାୟ ୧୬ ଗୋଟି ଫାଶ ଲଗାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ସୋମବାର ସକାଳେ ଚଢ଼ାଉ କରି ଫାଶ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚଢ଼ାଉରେ ଯୋଡ଼ା ବନପାଳଙ୍କ ସମେତ ଗୁଆଲି ବନପାଳ ଅକ୍ଷୟ ମହାନ୍ତି, ଯୋଡା ଫରେଷ୍ଟ ଗାର୍ଡ ନିଲମ ମହାନ୍ତ, ବନସ୍ୱାର୍ଡ ଜୟସିଂ ମୁଣ୍ଡା ଓ ମୁରଲୀ ନାୟକ ପ୍ରମୁଖ ସାମିଲ ଥିଲେ।

## ଧର୍ମପରାୟଣାଙ୍କ ପରଲୋକ

**ବଡଲା, ୧୩।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଳିଙ୍ଗା ପଞ୍ଚାୟତ ଶାଳକଣିଆ ଗ୍ରାମର ଧର୍ମପରାୟଣା ବୁଲି ମଲ୍ଲିକଙ୍କ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣ ସହ ସ୍ନେହି, ମଧୁର ବଚନ ଓ ପରପୋକାରୀ ଭାବେ ପରିଚିତ। ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ଧଳ, ପୂର୍ବତନ ସରପଞ୍ଚ ଅବିନାଶ ଜେନା, ରବିନ୍ଦ୍ର ପୃଷ୍ଟି, ସୋମାନାଥ ଜେନା, ଚର୍ତ୍ତୁଭୁଜ ରାଉତ ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶେଷ ସମୟରେ ପୁଅ, ବୋହୂ ନାତି, ନାତୁଣୀ, ଝିଅ, ଜ୍ୱାଇଁ ଆଦି ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

# ପଲ୍ଲିଶ୍ରୀ ମେଳା 'କୋଶମ୍ବ-୨୦୨୫' ଉଦ୍‌ଘାଟିତ


ଅତିଥିଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ କରାଯାଉଛି।

**ବାଲେଶ୍ୱର, ୧୩।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା 'କୋଶମ୍ବ-୨୦୨୫' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସଭାରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସୋର ବିଧାୟକ ମାଧବ ଧଡ଼ା, ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୌରାଧକ୍ଷା ସବିତା ସାହୁ, ଏସ୍‌ପି ରାଜପ୍ରସାଦ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ କୋଶମ୍ବ ମେଳା ଆମ ଜିଲାର ଗୌରବକୁ ସମୃଦ୍ଧ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଦେଶର ୧୦ଟି ରାଜ୍ୟ ଏହି ମେଳାରେ ଭାଗ ନେଇଥିବା ବେଳେ ଓଡ଼ିଶାର ୩୦ଟି ଜିଲା ଏଥିରେ ଅଂଶଗ୍ରହଣ କରି ନିଜର ବିବିଧ ସଂସ୍କୃତିର ପ୍ରଦର୍ଶନ କରିଛନ୍ତି। ଏହି ମେଳାରେ ବିଭିନ୍ନ ବିଭାଗୀୟ ଓ କୃଷି ଯନ୍ତ୍ରୀକରଣ ଉପରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲାଯାଇଛି।

## ଔପଦାର ବିକାଶ ପାଇଁ ଅଣ୍ଟା ଭିଡ଼ିଲା ବରିଷ୍ଠ ନାଗରିକ ମଞ୍ଚ

**ଔପଦା, ୧୩।୧(ଧରିତ୍ରୀ ପଣ୍ଡା)**

ଔପଦା ବ୍ଲକ ଫତେପୁର ପଞ୍ଚାୟତ ଷୋହଳଭଉଣୀ ଡ୍ୟାମ୍ ନିକଟରେ ବନ୍ଧୁମିଳନ ସହ ଅଞ୍ଚଳର ବିକାଶ ପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଔପଦା ବ୍ଲକର ୬ଟି ପଞ୍ଚାୟତର ଶତାଧିକ ବରିଷ୍ଠ ନାଗରିକ ସଦସ୍ୟମାନେ ଏକାଠି ହୋଇ ବ୍ଲକ ପୁନର୍ଗଠନ ହେଲେ ଖଇରା ବ୍ଲକରୁ କେତେକ ପଞ୍ଚାୟତ ଔପଦାରେ ସାମିଲ ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଔପଦା ବ୍ଲକ ସଦରଠାରେ ସ୍ୱାଧୀନତା ପୂର୍ବରୁ ଥିବା ଡାକ୍ତରଖାନାକୁ ଏରିଆ ହସ୍ପିଟାଲର ମାନ୍ୟତା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ବେଳେ କାର୍ଯ୍ୟକାରୀ ହୋଇ ନ ପାରିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ବାଲେଶ୍ୱର ଜିଲାର ସର୍ବକନିଷ୍ଠ ଔପଦା ବ୍ଲକର ଦୀର୍ଘ ଦିନ ଧରି ବିଡିଓ ଓ ଏବିଡିଓ ପଦ ସହ ୨୦ରୁ ଊର୍ଦ୍ଧ୍ୱ ପଦ ଖାଲିଥିବାରୁ ବ୍ଲକ କାର୍ଯ୍ୟାଳୟ ଭାରପ୍ରାପ୍ତ ବିଡିଓରେ ଚାଲିଛି। ସରକାରଙ୍କ ଯୋଜନା ସୁଚାରୁ ରୂପେ କାର୍ଯ୍ୟକାରୀ ହେଉ ନ ଥିବା ଆଲୋଚନା ହୋଇଥିଲା। ସେହିପରି ଔପଦା କଲେଜ ସମସ୍ୟା ସମ୍ପର୍କରେ ମତ ପ୍ରକାଶ ପାଇ ଏଠାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ, ଶୌଚାଳୟ ଓ କଲ୍ୟାଣମଣ୍ଡପ ନିର୍ମାଣ ସହ ଦୀର୍ଘଦିନ ଧରି ମଞ୍ଜୁର ହୋଇପଡିରହିଥିବା କୋର୍ଟ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଥିଲା। ଏନେଇ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନସଚିବଙ୍କୁ ପ୍ରଦାନ ପାଇଁ ମତପ୍ରକାଶ ପାଇଥିଲା। ଏସବୁ ସମସ୍ୟା ପୂରଣ ପାଇଁ ସରକାର ଅନୁଗ୍ରହ ନ ହେଲେ ବରିଷ୍ଠ ନାଗରିକ ମଞ୍ଚ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଘୋଷଣା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ ମହେନ୍ଦ୍ର ପ୍ରସାଦ ନାୟକ, ନିରଞ୍ଜନ ମହାନ୍ତି, ଗୋପାଳ କିଶୋର ଦାସ, ରମାକାନ୍ତ ମହାପାତ୍ର, ଅନ୍ତର୍ଯ୍ୟାମୀ ନାୟକ, ଶୁଭେନ୍ଦୁ କୁମାର ପଣ୍ଡା, ମହେଶ୍ୱର ରାଉତ, ଜନାର୍ଦ୍ଦନ ମହାପାତ୍ର, ବସନ୍ତ ବେହେରା, ସୁଦର୍ଶନ ରାଉତ, ସୁଦର୍ଶନ ପାଣିଗ୍ରାହୀ ଓ ବୈକୁଣ୍ଠ ମିଶ୍ରଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଆଲୋଚନାରେ ଭାଗ ନେଇଥିଲେ।

## ବାପାଙ୍କ ମୃତ୍ୟୁର ୧୭ ବର୍ଷ ପରେ କନ୍ୟାଙ୍କୁ ଅନୁକମ୍ପା ନିଯୁକ୍ତି

**କଟକ, ୧୩।୧(କାର୍ତ୍ତିକ ସାହୁ)**

ଜଣେ ମୃତ ସରକାରୀ କର୍ମଚାରୀଙ୍କ ନାବାଳିକ କନ୍ୟା ସାବାଳିକା ହେବା ପରେ ରିହାବିଲିଟେଶନ ଯୋଜନାରେ ଚାକିରି ପାଇବେ ବୋଲି ହାଇକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଜଣିକିଆ ବିଚାରପତିଙ୍କ ରାୟକୁ ଖାରଜ କରି ନାବାଳିକାଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅନ୍ତର୍ଗତ ରାଜାବସାର ପରମେଶ୍ୱର ମାଝି ସୁବର୍ଣ୍ଣରେଖା ଇରିଗେଶନ ଡିଭିଜନ ଅଧୀନରେ ଜୁନିୟର ଷ୍ଟେନୋଗ୍ରାଫର ତଥା ଟାଇପିଷ୍ଟ ଭାବେ କାମ କରୁଥିଲେ। ସେ ଚାକିରିରେ ଥାଇ ୨୦୦୬ ସେପ୍ଟେମ୍ବର ୨୮ରେ ମୃତ୍ୟୁବରଣ କରିଥିଲେ। ସେତେବେଳେ ଆବେଦନକାରୀ ତଥା ତାଙ୍କ କନ୍ୟା ଗୀତାମଣି ସୋରେନ୍ ନାବାଳିକା ଥିଲେ। ଅପରପକ୍ଷରେ ପରମେଶ୍ୱରଙ୍କ ସ୍ତ୍ରୀ ଶାରୀରିକ ଭାବେ ଚାକିରି କରିବାକୁ ସକ୍ଷମ ନଥିଲେ। ତେଣୁ ସେତେବେଳେ ସେ ଚାକିରି ପାଇଁ ସରକାରଙ୍କ ନିକଟରେ ଦାବି କରିନଥିଲେ। ତାଙ୍କ କନ୍ୟା ସାବାଳିକା ହେବା ପରେ ରିହାବିଲିଟେଶନ ଯୋଜନାରେ ଚାକିରି ପାଇଁ ଦାବି କରି ହାଇକୋର୍ଟରେ ମାମଲା ଦାଏର କରିଥିଲେ। ତାଙ୍କ ମାମଲାର ଶୁଣାଣି କରି ଜଣିକିଆ ବିଚାରପତି ତାଙ୍କ ଆବେଦନ ମୃତ୍ୟୁର ବହୁବର୍ଷ ପରେ ହୋଇଥିବାରୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ସେ ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଖଣ୍ଡପୀଠ ତାଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି।

## ମହିଳାଙ୍କୁ ପିଟି ହତ୍ୟା ଅଭିଯୋଗ

**ମୋରଡା, ୧୩।୧(ସ୍ୱାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡା ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ପିଟି ପିଟି ହତ୍ୟା କରାଯାଇ ଅଭିଯୋଗ ହୋଇଛି । ଏନେଇ ପୋଲିସ ଏକ ମାମଲା(ନଂ.୧୦/୨୫) ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚାରାଉଚୁରା କରୁଛି। ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ଅନୁଯାୟୀ, ଚିକିଟାମାଟିଆ ପଞ୍ଚାୟତର ଆଶ୍ରମ ବିଦ୍ୟାଳୟରେ ରୋଷେୟା ଭାବେ କାର୍ଯ୍ୟରତ ଉକ୍ତ ପଞ୍ଚାୟତର ବାପି ଭକ୍ତାଙ୍କ ସହ ରବିବାର ରାତିରେ ତାଙ୍କ ସ୍ତ୍ରୀ ତରୁ ଭକ୍ତା(୩୧)ଙ୍କ କୌଣସି କାରଣକୁ ନେଇ ବଚସା ହୋଇଥିଲା। ତେବେ ଏଥିରେ ବାପି ଉତକ୍ଷିପ୍ତ ହୋଇ ତରୁଙ୍କୁ ଏକ ପ୍ଲାଷ୍ଟିକ ପାଇପରେ ପିଟି ପିଟି ହତ୍ୟା କରିଥିଲେ। ଏନେଇ ମୃତକ ମହିଳାଙ୍କ ମା ଚିଆଁସି ଗ୍ରାମର ମଞ୍ଜରୀ ମଞ୍ଜରୀ ଭକ୍ତା ଥାନାରେ ଅଭିଯୋଗ କରିଛନ୍ତି।

## ଧାନ ବିକି ନ ପାରି ଚାଷୀ ହତାଶ

ବୈଶିଙ୍ଗା, ୧୩।୧(ରତନ ଦାଶ): ମୟୂରଭଞ୍ଜ ଜିଲାରେ ମକର ଏକ ଗଣପର୍ବ ହୋଇଥିବା ବେଳେ ଖୁବ ଧୁମଧାମରେ ପାଳିତ ହୋଇଥାଏ। ମାତ୍ର ଚଳିତ ବର୍ଷ ବୈଶିଙ୍ଗା ଅଞ୍ଚଳର ଚାଷୀକୂଳ ନିଜର କଷ୍ଟ ଉପାର୍ଜିତ ଧାନ ମଣ୍ଡିରେ ବିକି ନ ପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଜ୍ୟରେ ନୂଆ ସରକାର ଗଠନ ପରେ ଖରିଫ ଧାନ୩୧୦୦ଟଙ୍କାରେ କିଣା ଯିବା ପାଇଁ ଘୋଷଣା କରିଥିଲେ। ହେଲେ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ଚାଷୀ ହନ୍ତସନ୍ତ ହେଉଥିବାର ଦେଖାଦେଇଛି। ଜାନୁଆରୀ ମାସ ଅଧା ହୋଇଗଲାଣି ମାତ୍ର ଡିସେମ୍ବର ମାସରେ ଆସିଥିବା ଟୋକନ ଉପରେ ଏପର୍ଯ୍ୟନ୍ତ ଧାନ କିଣା ହୋଇ ପାରିନାହିଁ ।

ବୈଶିଙ୍ଗା ଲ୍ୟାମ୍ପସରେ ଏଭଳି ଅଭାବନୀୟ ପରିସ୍ଥିତି ଯୋଗୁ ମଣ୍ଡି ସାମନା ରାସ୍ତା ଉପରେ ଲାଇନ କରି ଧାନ ଗାଡ଼ି ସବୁ ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି। ଦୈନିକ ୧୨୦୦ କୁଇଣ୍ଟାଲ ଧାନ କିଣା ଯିବାର ନିୟମ କରାଯାଇଥିଲା ବେଳେ କିଣାଯାଉଛି ମାତ୍ର ୩୦୦ ରୁ ୪୦୦ କୁଇଣ୍ଟାଲ ଧାନ। ଫଳରେ ବହୁ ଚାଷୀ ଟ୍ରାକ୍ଟର ବା ଟ୍ରକ ଯୋଗେ ଧାନ ଆଣି ପୁଣି ରାତିରେ ଫେରାଇ ନେବାକୁ ବାଧ ହେଉଛନ୍ତି। ରାତି ପାହିଲେ ମକର ପର୍ବ। ମୟୂରଭଞ୍ଜରେ ମକର ପର୍ବ ଖୁବ ନିଆରା, ଏହା ଏକ ସପ୍ତାହ ଧରି ପାଳିତ ହୋଇଥାଏ। କୁଡୁମୀ ଏବଂ ଆଦିବାସୀ ସମ୍ପ୍ରଦାୟରେ ଟୁସୁ ପର୍ବ, ଦାମୋଦର ଯାତ୍ରା, ବିଭିନ୍ନ ଗ୍ରାମରେ ଖେଳକୁଦ ପ୍ରତିଯୋଗିତା ଆଦି ପାଳନ କରାଯାଇଥାଏ। ମାତ୍ର ଚାଷୀ ଧାନ ବିକ୍ରି କରି ନ ପାରି କିପରି ହୀନସ୍ତା ହେଉଥିବା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏହି ତ୍ରୁଟି ପୂର୍ଣ୍ଣ ଧାନ କିଣା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

